# ନଦୱାବାସୀଙ୍କୁ ଉପହାର

(Tohfatun-Nadwah)

ଲେଖକ:
**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ
ପ୍ରତିଶ୍ରୁତ ମସିହ ଓ ମେହଦୀ

# ନଦୱାବାସୀଙ୍କୁ ଉପହାର

## (ତୋହ୍‌ଫାତୁନ୍ ନଦ୍‌ୱା)

ଲେଖକ:

**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ

ପ୍ରତିଶ୍ରୁତ ମସିହ ଓ ମେହଦୀ

# ନଦୱାବାସୀଙ୍କୁ ଉପହାର

ମୂଳ ଉର୍ଦ୍ଦୁ : 'ତୋହ୍‌ଫାତୁନ୍ ନଦ୍‌ୱା'

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ, ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଓଡ଼ିଆ ରୂପାନ୍ତର: ମୌ. ହଲିମ୍ ଖାନ୍

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍‌ପୁର,
ପଞ୍ଜାବ (ଭାରତ)- ୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୫, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୩୦୦)

## NADWAHBASINKU UPAHARA
## 'Tohfatun Nadwah'

*Author of the Book* : **Hazrat Mirza Ghulam Ahmad**as
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Haleem Khan**, Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2025, First Edition in Odia (300 copies)
*Printed at* : Fazle Umar Printing Press, Qadian (India)

*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*

**ISBN:**



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ପ୍ରତିଶ୍ରୁତ ମସିହ ଓ ମେହଦୀ

# ପ୍ରକାଶଙ୍କ ମନ୍ତବ୍ୟ

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ପ୍ରତିଶ୍ରୁତ ମସିହ ଓ ମେହ୍‌ଦୀ [ଅ.ସ]ଙ୍କ ଦ୍ୱାରା ଲିଖିତ ପୁସ୍ତକ 'ତୋହ୍‌ଫାତୁନ୍ ନଦ୍‌ୱା'ର ଏହା ଓଡ଼ିଆ ଅନୁବାଦ ଯାହାକି ମୌଲବୀ ହଲିମ୍ ଖାନ୍ ସାହେବ ସମ୍ପାଦନ କରିଛନ୍ତି ଏବଂ ତାହାକୁ ମାନନୀୟ ରୋଶନ୍ ଖାନ୍ ସାହେବ (ସଦର୍ ରିଭିଉ୍ କମିଟି), ଶ୍ରୀମାନ ଅନଓ୍ୱର ଅହେମଦ ଖାନ୍ (ଇନ୍‌ଚାର୍ଜ ଓଡ଼ିଆ ଡ଼େସ୍କ) ଓ ଶ୍ରୀମତୀ ଆଲିୟା ମହେମୁଦ୍ ସାହେବା ଏମ୍.ଏ ପ୍ରତ୍ୟେକ ତିନିଜଣ ସଦସ୍ୟ ସମୀକ୍ଷା କରିଛନ୍ତି । ଅଲ୍ଲାଃତାଲା ସେ ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

ଏହି ପୁସ୍ତକଟିକୁ ଜମାଅତ ଅହେମଦିୟାର ପଞ୍ଚମ ଖଲିଫା ମହାମହିମ ହୁଜୁର ଅନଓ୍ୱର [ଅ.ବ]ଙ୍କ ଅନୁମତିକ୍ରମେ ଓଡ଼ିଆ ଭାଷାରେ ପ୍ରକାଶିତ କରାଯାଉଅଛି ।

ବିନୀତ

ହାଫିଜ୍ ମଖଦୁମ୍ ଶରିଫ୍

ନାଜିର ନଶ୍ରୋ ଓ ଇଶାଅତ୍ , କାଦିୟାନ୍

(ଅଧ୍ୟକ୍ଷ ପ୍ରସାରଣ ଓ ପ୍ରକାଶନ ବିଭାଗ)

ସଦର ଅଞ୍ଜୁମନ୍ ଅହେମଦିୟା, କାଦିୟାନ୍

*** *** ***

# ପରିଚୟ

ଏହି ପୁସ୍ତକଟି ୬ ଅକ୍ଟୋବର ୧୯୦୬ ମସିହାରେ ପ୍ରକାଶିତ ହୋଇଥିଲା । ଏହି ପୁସ୍ତିକାର ଶୀର୍ଷକ ଅତ୍-ତବଲିଗ୍, ଯାହାକୁ ଆରବୀ ଭାଷାରେ ଉଲ୍ଲେଖ କରାଯାଇଛି । ଏଥିରେ ନଦ୍ୱାବାସୀଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା, ଯେ ସେମାନେ ପବିତ୍ର କୁରଆନ୍‌କୁ ହକମ୍ (ବିଧାନକର୍ତ୍ତା) ରୂପେ ଗ୍ରହଣ କରନ୍ତୁ ଓ ଯେଉଁ ବ୍ୟକ୍ତି ନିଜକୁ ମସିହ୍ ମଉଦ (ପ୍ରତିଶୃତ ମସିହ୍) ଘୋଷଣା କରିଛନ୍ତି ଏବଂ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଆଦେଶ ଅନୁସାରେ ଭୂପୃଷ୍ଠକୁ ଆସିଥିବାର ଦାବି କରିଛନ୍ତି ତଥା ଶେଷରେ ଏହି ପୁସ୍ତକରେ ନିଜ ପ୍ରତିନିଧିମାନଙ୍କ ଦ୍ୱାରା ନଦ୍ୱାର ଉଲମା (ଧର୍ମଗୁରୁ)ମାନଙ୍କ ନିକଟକୁ ଏହି ପୁସ୍ତକଟିକୁ ପଠାଇବାର ପ୍ରତିଶୃତି ଦେଇଛନ୍ତି ।

## ଲେଖିବାର ଅଭିପ୍ରାୟ:

ଏହି ପୁସ୍ତିକଟିକୁ ଲେଖିବାର ଅଭିପ୍ରାୟ ଏହିକି ଯେ, ଅମୃତସର ଅନ୍ତର୍ଗତ ନଦ୍ୱା ନାମକ ସ୍ଥାନରେ ମୁସଲିମ୍ ତତ୍ତ୍ୱବିତ୍‌ମାନେ ୯,୧୦,୧୧ ଅକ୍ଟୋବର ୧୯୦୨ମସିହାରେ ଗୋଟିଏ ସଭାର ଆୟୋଜନ କରିବା ପାଇଁ ଘୋଷଣା କରିଥିଲେ ଓ ହାଫିଜ୍ ମୁହମ୍ମଦ ୟୁସୁଫ୍ ସାହେବ ପେନଶନର୍ ଯାହାଙ୍କ ବିଷୟରେ ଅରବଈନ୍ ନମ୍ବର: ୩ରେ ଆଲୋଚନା କରାଯାଇଛି । ୨ ଅକ୍ଟୋବର ୧୯୦୨ମସିହାରେ ହଜରତ ମସିହ ମଉଦ [ଅ.ସ]ଙ୍କ ନାମରେ ଏକ ବିଜ୍ଞାପନ ପ୍ରକାଶ କଲେ, ଯାହାକୁ ବର୍ଣ୍ଣନା କରି ପୁଣ୍ୟଶ୍ଳୋକ କହିଥିଲେ;

"ସେ ଲେଖିଛନ୍ତି- ମୁଁ ଥରେ ମୌଖିକ ଭାବରେ ଏହି କଥାକୁ ସ୍ୱୀକାର କରିଛି ଯେ, ଯେଉଁ ଲୋକମାନେ ଅବତାର ବା ନବୀ ବା କେହି ଜଣେ ବ୍ୟକ୍ତି ଈଶ୍ୱରଙ୍କ ନିକଟରୁ ପ୍ରେରିତ ହୋଇ ଆସିଥିବାର ଦାବି କରିଥାଏ ତେବେ ସେହି ଲୋକମାନେ ଏହି ମିଥ୍ୟା ସହିତ ଯାହା ଦ୍ୱାରା ଲୋକମାନଙ୍କୁ ଭ୍ରମିତ କରାଯାଏ ୨୩ବର୍ଷ ପର୍ଯ୍ୟନ୍ତ (ଯାହା ପବିତ୍ର ଅବତାର ମୁହମ୍ମଦ [ସ.ଅ]ଙ୍କ ଆବିର୍ଭାବର ପୂର୍ଣ୍ଣ ଅବଧି ଥିଲା) ଜୀବନ୍ତ ରହିଥିଲେ ବା ତା'ଠାରୁ ଅଧିକ । ପୁନର୍ବାର ହାଫିଜ୍ ସାହେବ ସେହି ବିଜ୍ଞାପନରେ ଲେଖିଛନ୍ତି, ଯେ ତାହାଙ୍କ କଥନର ସମର୍ଥନରେ ତାଙ୍କର ଜଣେ ବନ୍ଧୁ ଅବୁ ଇସହାକ୍ ମୁହମ୍ମଦୀନ୍ 'କତଉଲ ଓ୍ୱତୀନ୍' ନାମକ

ଏକ ପୁସ୍ତକ ମଧ୍ୟ ରଚନା କରିଥିଲେ । ଯେଉଁଥିରେ ମିଥ୍ୟା ଦାବି କରିଥିବା ବ୍ୟକ୍ତିଙ୍କ ନାମ ଦାବିର ଅବଧି ସହିତ ଐତିହାସିକ ପୁସ୍ତକ ସନ୍ଦର୍ଭ ସହିତ ଲିଖିତ ଅଛି ।" (ରୁହାନୀ ଖଜାଇନ୍ ଭାଗ ୧୯ ପୃ-୯୨)

ତଦନୁରୂପ ଏହି ବିଜ୍ଞାପନରେ ହାଫିଜ୍ ସାହେବ ହଜରତ ମସିହ ମଉଦ ଅ.ସଙ୍କ ଠାରୁ ଏହା ଦାବି କରିଥିଲେ ଯେ, ଆପଣ ଏହା ସ୍ୱୀକାର କରି ଲେଖିଦିଅନ୍ତୁ କି ଯଦି ନଦ୍‌ୱାତୁଲ୍ ଉଲ୍‌ମାର ବାର୍ଷିକ ସମ୍ମିଳନୀ ଯାହାକି ୯ ଅକ୍ଟୋବର ୧୯୦୨ମସିହାରେ ଭାରତ ବର୍ଷର ଅମୃତସର ଠାରେ ଅନୁଷ୍ଠିତ ହେବ । ସେଥିରେ ଅଂଶଗ୍ରହଣ କରିଥିବା ପ୍ରସିଦ୍ଧ ଉଲମା 'କତଉଲ ଓ୍ୱତୀନ୍' ପୁସ୍ତକରେ ପ୍ରଦତ୍ତ ଉଦାହରଣକୁ ସଠିକ୍ ବୋଲି କୁହନ୍ତି, ତେବେ ସେହିପରି ସ୍ଥିତିରେ ସେହି ସଭାରେ ପ୍ରାୟଶ୍ଚିତ କରିବା ଉଚିତ୍ । ଆପଣ ଏହି ଦାବିର ଉତ୍ତରରେ ଏହା ବ୍ୟାଖ୍ୟା କଲେ ଯେ, ହାଫିଜ୍ ସାହେବଙ୍କ ବିଜ୍ଞାପନର ଉତ୍ତର ଦେବା ପରେ ଆପଣ ନଦ୍‌ୱାତୁଲ୍ ଉଲ୍‌ମାମାନଙ୍କୁ ତର୍କ (ପ୍ରମାଣ)ର ପୂର୍ଣ୍ଣତା ପ୍ରାପ୍ତି ପାଇଁ ନିଜେ ମସିହ୍ ମଉଦ୍ ହେବାର ଦାବିକୁ ବଳିଷ୍ଠ ଯୁକ୍ତି ସହିତ ପ୍ରସ୍ତୁତ କରିଥିଲେ ତଥା କାଦିୟାନ ଜଲ୍‌ସାରୁ ଏକ ପ୍ରତିନିଧି ମଣ୍ଡଳ ପଠାଇଥିଲେ । ଏଥିରେ ମୌଲବୀ ସୟଦ ମୁହମ୍ମଦ ଅହସନ୍ ସାହେବ ଅମ୍‌ରୋହୀ, ମୌଲବୀ ଅବୁ ୟୁସୁଫ୍, ମୁହମ୍ମଦ ମୁବାରକ୍ ସାହେବ ସିୟାଲ୍‌କୋଟି, ମୌଲବୀ ସୟଦ ମୁହମ୍ମଦ ସରଓ୍ୱର୍ ଶାହ୍ ସାହେବ ହଜାରବି, ମୌଲବୀ ମୁହମ୍ମଦ ଅବ୍‌ଦୁଲ୍ଲାଃ ସାହେବ କାଶ୍ମିରୀ ଏବଂ ଶେଖ୍ ୟାକୁବ୍ ଅଲୀ ସାହେବ ଏଡ଼ିଟର ଅଲ୍-ହକମ୍ ଖବରକାଗଜ ଆଦି ସାମିଲ ହୋଇଥିଲେ । ଅମୃତସରରେ ପହଞ୍ଚିବା ପରେ ଉକ୍ତ ପ୍ରତିନିଧି ମଣ୍ଡଳଙ୍କୁ ଜ୍ଞାତ ହେଲା ଯେ, ହାଫିଜ୍ ମୁହମ୍ମଦ ୟୁସୁଫ୍ ସାହେବ ନଦ୍‌ୱାବାସୀଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ବିଜ୍ଞାପନ ପ୍ରକାଶିତ କରିଥିଲେ । ଏଥି ସଂକ୍ରାନ୍ତରେ ନଦ୍‌ୱାର ସେକ୍ରେଟାରୀଙ୍କ ଠାରୁ କୌଣସି ଅନୁମତି ନେଇ ନଥିଲେ । ସେଥିପାଇଁ ପ୍ରତିନିଧି ମଣ୍ଡଳ ବ୍ୟକ୍ତିଗତ ଭାବେ ଲୋକମାନଙ୍କୁ ସମ୍ପ୍ରଦାୟର ସନ୍ଦେଶ ପହଞ୍ଚାଇ ଥିଲେ ଏବଂ "ତୋହ୍‌ଫାତୁନ୍ ନଦ୍‌ୱା" ଅର୍ଥାତ୍ ନଦ୍‌ୱାବାସୀଙ୍କ ପାଇଁ ଉପହାର ଲୋକମାନଙ୍କ ମଧ୍ୟରେ ବିତରଣ କରି ତାହାର ଖୁବ୍ ପ୍ରଚାର କରିଥିଲେ ।

## ଅତ୍‌ତବଲ୍ଲିଗ୍ (ପ୍ରଚାର)

ହେ ନଦ୍‌ୱାର ଅଧିବାସୀ ! ଏହି ଉକ୍ତି (ବିଷୟ) ଆଡ଼କୁ ଆସ ଯାହା ଆମ୍ଭ ଓ ତୁମ୍ଭମାନଙ୍କ ମଧ୍ୟରେ ଏକ ପ୍ରକାରର । ତାହା ଏହିକି ଯେ, ଆମ୍ଭେ କେବଳ କୁରଆନକୁ ହାକିମ (ବିଚାରକ) ଗ୍ରହଣ କରିବା ଓ ଆମେ କେବଳ ତାହା ହିଁ ସ୍ୱୀକାର କରିବା ଯାହା ଅଶେଷ ଦୟାବାନ ଈଶ୍ୱରଙ୍କ ବାଣୀ ଅନୁଯାୟୀ ଅଟେ । ହେ ଜିଦ୍‌ଖୋର ଲୋକମାନେ ! ଏହି ଧର୍ମ ସ୍ଥାୟୀ ଓ ପବିତ୍ର କୁରଆନ ଏପରି ଦୈବିଗ୍ରନ୍ଥ ଯେଉଁଥିରେ ସତ୍‌ଶିକ୍ଷା (ନିର୍ଦ୍ଦେଶାବଳୀ) ସମ୍ପୂର୍ଣ୍ଣ କରିଦିଆ ଯାଇଛି ଏବଂ ଏଥିରେ ସ୍ଥାୟୀ ରହିବା ପୁସ୍ତକମାନ ରହିଛି ତଥା ଭବିଷ୍ୟତ ଓ ଅତୀତର ଖବରମାନ ଉଲ୍ଲେଖ ରହିଛି । ସୁତରାଂ କୁରଆନକୁ ଛାଡ଼ି ତୁମେମାନେ କେଉଁ ହଦିସ୍ ଉପରେ ବିଶ୍ୱାସ କରିବ । ଜାଣିରଖ ! ଯେ ସମସ୍ତ ପ୍ରକାରର ଆଶିଷ ପବିତ୍ର କୁରଆନରେ ରହିଛି । ହଦିସ୍‌ଗୁଡ଼ିକ ମଧ୍ୟରୁ ସବୁଠାରୁ ନିକୃଷ୍ଟ ହଦିସ୍ ତାହା ହିଁ ଯାହା ପବିତ୍ର କୁରଆନୀୟ (ଆଦେଶ)ର ବିରୋଧାଭାଷୀ । ସୁତରାଂ ହେ ଧର୍ମପରାୟଣ ବ୍ୟକ୍ତିମାନେ ! ଏ ପ୍ରକାର ହଦିସ୍ ଠାରୁ ଦୂରେଇ ରୁହ ।

ଏବଂ ପ୍ରତ୍ୟେକ ସେହି ବିଷୟ ଯାହା ପବିତ୍ର କୁରଆନର ଶିକ୍ଷା ଓ ତାହାର କାହାଣୀଗୁଡ଼ିକର ବିରୋଧ କରେ ତେବେ ଜାଣିନିଅ ଯେ, ତାହା ଏକ ନିମ୍ନ ଧରଣର କଥା ଏବଂ ତାହାକୁ କେବଳ ଦୁଷ୍ଟଚରିତ୍ର ଲୋକମାନେ ହିଁ ଗ୍ରହଣ କରିଥାନ୍ତି ।

ଏବଂ ନିଶ୍ଚିତ ରୂପେ ମୁଁ ମସିହ୍ ମଉଦ (ଯୁଗାବତାର) ଓ ମୁଁ ସତ୍ୟ ଉପରେ ପ୍ରତିଷ୍ଠିତ ଏବଂ ମୁଁ ଭ୍ରମଣ କରେ ଓ ମୁଁ କେବଳ ଅଲ୍ଲାହଙ୍କ ସକାଶେ ଧୀରେ ଡ଼ାକୁଅଛି ଏବଂ ଉଚ୍ଚସ୍ୱରରେ ମଧ୍ୟ ଡ଼ାକୁଅଛି ତଥା ମୁଁ ତୁମ୍ଭକୁ ଅଲ୍ଲାହଙ୍କ ଦିନ ସ୍ମରଣ କରାଉଅଛି । ସୁତରାଂ କ'ଣ ତୁମେ ଉପଦେଶ ହାସଲକାରୀ ହେବ ।

ଏବଂ ମୁଁ ତୁମ ନିକଟକୁ ନିଜ ପାଳନକର୍ତ୍ତାଙ୍କ ସମୀପରୁ ସ୍ପଷ୍ଟ ପ୍ରମାଣ ସହିତ ଆସିଅଛି ଏବଂ ମତେ ଏପରି ଜ୍ଞାନ ପ୍ରଦାନ କରାଯାଇଛି । ଯାହା ତୁମକୁ ପ୍ରଦାନ କରାଯାଇ ନାହିଁ ଏବଂ ମତେ ଏପରି ପାରଦର୍ଶୀତା ପ୍ରଦାନ କରାଯାଇଛି ଯାହା ତୁମକୁ ପ୍ରଦାନ କରାଯାଇ ନାହିଁ ।

କ'ଣ ତୁମେ ମୋର ପ୍ରତ୍ୟାଖ୍ୟାନ କରୁଅଛ ଓ ମୋ ନିକଟକୁ ଆସୁ ନାହଁ । ଯଦିଚ ଯିଶୁ ମୃତବରଣ କରି ସାରିଛି, ତୁମକୁ (ଏହି ବିଷୟରେ) ପଚରା ଯିବ

ନାହିଁ ଏବଂ ନା ସେ ତୁମମାନଙ୍କର ଜୀବିତ କରିବା ଦ୍ୱାରା ଜୀବନ୍ତ କରିଦିଆଯିବ । ହେ ନକଲି ଦୁଃସାହସ ପ୍ରଦର୍ଶନକାରୀ ! ପବିତ୍ର କୁରଆନର ପ୍ରତ୍ୟାଖ୍ୟାନ କର ନାହିଁ । ଯଦିଚ ଯିଶୁ କୟାମତ୍ ଦିନ ପୂର୍ବରୁ ଅବତୀର୍ଣ୍ଣ ହେବାର, ଯାହାକି ତୁମେମାନେ କଳ୍ପନା କରିବସିଛ । ଦେଖ ଯେତେବେଳେ ତାକୁ ଖ୍ରୀଷ୍ଟିୟାନଙ୍କ ପଥଭ୍ରଷ୍ଟ ହେବା ସମ୍ବନ୍ଧରେ ପ୍ରଶ୍ନ କରାଗଲା ସେତେବେଳେ ସେ କ'ଣ ପାଇଁ ଅସ୍ୱୀକାର କଲା ? ଏବଂ ନିଜ ଅଜ୍ଞାନତାର ଆଳ କଲା, ଯେପରିକି ତୁମେ (ପବିତ୍ର କୁରଆନ)ରେ ପାଠ କରୁଅଛ ଏବଂ ସେମାନେ କହିଲେ ନାହିଁ, ମୁଁ ସେହି କଥା ଅତି ଭଲ ଭାବେ ଜାଣିଛି ଯାହାକି ସେମାନେ ମୋ ଅନ୍ତେ ଗଢ଼ି ନେଇଥିଲେ । କାରଣ ମୁଁ ଭବ ସଂସାରକୁ ପୁନର୍ବାର ଯାଇଥିଲି ଏବଂ ମୁଁ ଦେଖିଲି ଯେ, ସେମାନେ କ'ଣ କରୁଛନ୍ତି । ସତ୍ୟ ଏହା ହିଁ ଥିଲା ଯେ, ସେ ଏହା କରିଥାନ୍ତେ; ହେ ମୋର ପାଳନକର୍ତ୍ତା ! ମୁଁ ତୁମ୍ଭ ଅନୁମତିକ୍ରମେ ସଂସାରକୁ ଫେରିଯାଇ ଥିଲି ଏବଂ ମୁଁ ସେମାନଙ୍କ ସହିତ ଚାଳିଶ ବର୍ଷ ପର୍ଯ୍ୟନ୍ତ ରହିଲି । ସୁତରାଂ ମୁଁ ତାଙ୍କୁ ମୋର ଓ ମୋ ମାତାଙ୍କର ଉପାସନା କରୁଥିବାର ପାଇଲି ଏବଂ ସେଥିରେ ସେମାନେ ଦୃଢ଼ତାର ସହିତ ପ୍ରତିଷ୍ଠିତ ରହିଛନ୍ତି । ଅତଃ ମୁଁ ତାଙ୍କର ସଲିବ୍ (କ୍ରୁଶ)ଗୁଡ଼ିକୁ ଭାଙ୍ଗିଦେଲି ଏବଂ ମୁଁ ତାଙ୍କ ଯୁଗର ସୁଧାର କଲି ତଥା ମୁଁ ତାଙ୍କ ମଧ୍ୟରୁ ଅନେକଙ୍କୁ ବଧ କଲି । ସୁତରାଂ ସେମାନେ ବିନୟ ପୂର୍ବକ ଅଲ୍ଲାଃଙ୍କ ଧର୍ମରେ ସାମିଲ ହୋଇଗଲେ ।

ସୁତରାଂ ତୁମେମାନେ ନିଜ ଇସାଙ୍କୁ ପଚାରି ନିଅ ଯେ, ସେ କୟାମତ୍ (ବିଚାର) ଦିବସରେ କ'ଣ ପାଇଁ ମିଥ୍ୟା କହିବେ ଏବଂ ଏହି ସାକ୍ଷ୍ୟ ଦେବାକୁ ଯାହାକି ତାଙ୍କ ନିକଟରେ ଅଛି କାହିଁକି ବା ଗୋପନ ରଖିବେ । ସତେ ଯେପରି ସେ ସେହି ଲୋକମାନଙ୍କ ମଧ୍ୟରୁ ଯେଉଁମାନେ (କିଛି) ଜାଣନ୍ତି ନାହିଁ ।

ଏବଂ ମୁଁ ଅଲ୍ଲାଃଙ୍କ ପ୍ରତିଜ୍ଞା କରି କହୁଅଛି, ମୁଁ ତାହାଙ୍କ ନିକଟରୁ ପ୍ରେରିତ । ସୁତରାଂ ଯଦି ତୁମେମାନେ ଅଲ୍ଲାଃଙ୍କୁ ଭୟ କରୁଅଛ ତେବେ ତାହାଙ୍କ ଅଙ୍ଗୀକାରକୁ ଗୁରୁତ୍ୱ ଦିଅ ।

ଏବଂ ମୋତେ ଅନେକ ନିଦର୍ଶନ ପ୍ରଦାନ କରାଯାଇଛି ଓ ପବିତ୍ର କୁରଆନ ମୋତେ ଅନ୍ୟ ଉପାୟରେ ପ୍ରତିବନ୍ଧ ଲଗାଇଛି । ଅତଏବ ତୁମେମାନେ ପଳାୟନ କରି କେଉଁ ଆଡ଼େ ଚାଲିଯିବ ।

ମୁଁ ଯୁଗର ପ୍ରାରମ୍ଭରେ ଆସିଅଛି, ଯେପରିକି ତୁମମାନଙ୍କୁ ଜଣାଅଛି ଏବଂ ସୂର୍ଯ୍ୟ ଓ ଚନ୍ଦ୍ରକୁ ରମଜାନ ମାସରେ ଗ୍ରହଣ ଲାଗି ସାରିଛି, ଯଦ୍ୱାରା ତାହା ମୋ ଅଶେଷ ଦୟାବାନ୍ ଅଲ୍ଲାଃଙ୍କ ପକ୍ଷରୁ ମୋ ସତ୍ୟତାର ନିଦର୍ଶନ ସାବ୍ୟସ୍ତ ହେବ । ପୁଣି ପ୍ଲେଗ୍ (ମହାମାରୀ ନିଜର) କାୟା ବିସ୍ତାର କଲା ଯଦ୍ୱାରା ଲୋକମାନେ ଏହି ସୂତ୍ରରେ ନିଜ ବୁଦ୍ଧି ପ୍ରୟୋଗ କରିବେ ।

ସୁତରାଂ ତୁମମାନଙ୍କୁ କ'ଣ ହୋଇ ଯାଇଛି ତୁମେ ଅଲ୍ଲାଃଙ୍କ ନିଦର୍ଶନଗୁଡ଼ିକୁ ଦେଖୁନାହଁ । ଅଥବା ତୁମର ଚକ୍ଷୁ ଦେଖିବା ପରେ ମଧ୍ୟ ଜଳକା ହୋଇଯାଇଛି । ହେ ଲୋକମାନେ ! ମୋ ପାଖରେ ଅଲ୍ଲାଃଙ୍କ ନିକଟରୁ ଅନେକ ପ୍ରମାଣମାନ ରହିଛି, କ'ଣ ତୁମେମାନେ ସେଗୁଡ଼ିକୁ ସ୍ୱୀକାର କରିଥିବା ଲୋକଙ୍କ ମଧ୍ୟରେ ସାମିଲ ହେବ । ହେ ଲୋକମାନେ ! ମୋ ପାଖରେ ଅଲ୍ଲାଃଙ୍କ ପକ୍ଷରୁ ଅନେକ ପ୍ରମାଣମାନ ରହିଛି, କ'ଣ ତୁମେ ସେଗୁଡ଼ିକୁ ବିଶ୍ୱାସ କରିବ ଏବଂ ଯଦି ତୁମେ ମୋ ପାଳନକର୍ତ୍ତାଙ୍କ ସାକ୍ଷ୍ୟଗୁଡ଼ିକୁ ଗଣନା କରିବାକୁ ଲାଗିବ ତେବେ ସେଗୁଡ଼ିକୁ (କଦାପି) ଗଣନା ପାରିବ ନାହିଁ । ତେଣୁ ହେ ବ୍ୟଗ୍ର (ମାନବ) ! ଅଲ୍ଲାଃଙ୍କୁ ଭୟ କର । ଅତଃ କେବେବି କୌଣସି ରସୁଲ୍ ତୁମ ନିକଟକୁ ଏପରି ଶିକ୍ଷା ନେଇ ଆସିଲେ, ଯାହାକି ତୁମକୁ ପସନ୍ଦ ନଥିଲା ସେତେବେଳେ ତୁମେ ଗୋଟିଏ ଦଳକୁ ମିଥ୍ୟାବାଦୀ ଘୋଷିତ କରିଦେଲ ଏବଂ ଆଉ ଗୋଟିଏ ଦଳକୁ ହତ୍ୟା କରିବା ପାଇଁ ଉଦ୍ୟମ କଲ । ଆମ୍ଭକୁ ନିଜ ପାଳନକର୍ତ୍ତାଙ୍କ ପକ୍ଷରୁ ସାହାଯ୍ୟ ପ୍ରାପ୍ତ ହୋଇଅଛି ଏବଂ ହେ ବିଶ୍ୱାସଘାତୀ ! ଅଲ୍ଲାଃଙ୍କ ପକ୍ଷରୁ ତୁମକୁ ସାହାଯ୍ୟ ପ୍ରାପ୍ତ ହେବ ନାହିଁ ।

କ'ଣ ତୁମେମାନେ (ମୋର) ହତ୍ୟା ଧର୍ମାଦେଶ ଯୋଗୁଁ ମୋତେ ହତ୍ୟା କରିବ ଅବା ସେହି ଦାବିଗୁଡ଼ିକ ସହିତ ମୋତେ ହତ୍ୟା କରିବ, ଯାହାକି ତୁମେ ମୋ ବିରୁଦ୍ଧରେ (ମାମଲାକୁ) କର୍ତୃପକ୍ଷଙ୍କ ନିକଟକୁ ନେଇଯାଇଛ ଏବଂ ଏହା ସତ୍ତ୍ୱେ ତୁମେ ଅନୁତାପ କରୁନାହଁ । ପରାକ୍ରମୀ ଅଲ୍ଲାଃ ଏହା ଲିପିବଦ୍ଧ (ଧାର୍ଯ୍ୟ) କରି ଦେଇଛନ୍ତି ଯେ, ପ୍ରଭୁ ଓ ତାଙ୍କର ରସୁଲ ହିଁ ବିଜୟୀ ହେବେ । ହେ କଳହକାରୀ ! ତୁମେ କଦାପି ଅଲ୍ଲାଃଙ୍କୁ ଅସହାୟ କରିପାରିବ ନାହିଁ । ଅଲ୍ଲାଃଙ୍କ ରାଣ ! ମୁଁ ସତ୍ୟବାଦୀ, ମୁଁ ମିଥ୍ୟାଚାରୀମାନଙ୍କ ମଧ୍ୟରୁ ଆଦୌ ନୁହେଁ । କ'ଣ ତୁମେ ମୋର ଅସ୍ୱୀକାର କରୁଅଛ ଯେବେକି ତୁମ ପ୍ରତି ତର୍କ ସମ୍ପୂର୍ଣ୍ଣ କରିଦିଆ

ଯାଇଛି । କ'ଣ ତୁମେ ଅଲ୍ଲାଃଙ୍କ ଆଡ଼କୁ ଫେରିଯିବ ନାହିଁ ଏବଂ ତୁମେ ନିଜର ମସିହଙ୍କ ପରି ସର୍ବଦା (ଜୀବିତ) ରହିବ ।

କ'ଣ ତୁମେମାନେ ସୁରେ ନୁର୍, ସୁରେ ତହରୀମ୍ ଓ ସୁରେ ଫାତିହା ଆଦି ଅଧ୍ୟାୟଗୁଡ଼ିକୁ ଧ୍ୟାନ ପୂର୍ବକ ପାଠ କରୁ ନାହଁ । ଅଥବା ତୁମେ ତାହାକୁ ପଢ଼ିବାକୁ ପସନ୍ଦ କରୁ ନାହଁ ଅଥବା ତୁମେମାନେ ତାହା ଅଧ୍ୟୟନ କରିବା ପାଇଁ ନିଜ ଉପରେ ଅବୈଧ କରି ଦେଇଅଛ ।

ହେ ନଦ୍‌ୱାବାସୀ ! ଏହି ପତ୍ରିକା ମୋ ପକ୍ଷରୁ ତୁମ ପାଇଁ ଉପହାର ସ୍ୱରୂପ ଅର୍ପଣ କରାଯାଉଛି । ଯଦ୍ଦ୍ୱାରା ତୁମେ ନିଜର ଚକ୍ଷୁ ଖୋଲିବ ଅବା ତୁମ ପାଇଁ ଅଲ୍ଲାଃଙ୍କ ଯଥାର୍ଥ ଜ୍ଞାନ ସମ୍ପୂର୍ଣ୍ଣ କରିଦିଆଯିବ । ଅତଃ ତପ୍‌ରେ ତୁମେ ଆଳ କରିପାରିବ ନାହିଁ ଏବଂ ନା ମୋ ସାଥିରେ କଳହ କରିପାରିବ । ମୁଁ ଏହାର ନାମ **ତୋହ୍‌ଫାତୁନ୍ ନଦ୍‌ୱା** ସ୍ଥିର କରିଛି ଏବଂ ମୁଁ ତୁମ ନିକଟକୁ ନିଜର ବାର୍ତ୍ତାବହ ପଠାଇବି, ଆଉ ମୁଁ ଦେଖିବି ସେ କେଉଁ ଅବସ୍ଥାରେ (ତୁମ ନିକଟରୁ) ଫେରୁଛନ୍ତି ।

ଏବଂ ମୁଁ ଅଲ୍ଲାଃଙ୍କ ଶ୍ରୀଛାମୁରେ ପ୍ରାର୍ଥନା କରୁଅଛି ଯେ, ସର୍ବଶକ୍ତିମାନ ଅଲ୍ଲାଃ ଏହି ପତ୍ରିକାକୁ ସେହି ଲୋକମାନଙ୍କ ନିମନ୍ତେ ଯେଉଁମାନେ ଅହଂକାରୀ ନୁହନ୍ତି, ତାଙ୍କ ପାଇଁ କଲ୍ୟାଣମୟ କରିଦେବେ ।

ହେ ମୋର ପାଳନକର୍ତ୍ତା ! (ତୁମ୍ଭେ) ସାକ୍ଷୀ ରୁହ ଯେ, ମୁଁ ସେହି ବାର୍ତ୍ତା ପହଞ୍ଚାଇ ଦେଲି, ଯାହା ପହଞ୍ଚାଇବା ସକାଶେ ତୁମ୍ଭେ (ମୋତେ) ନିର୍ଦ୍ଦେଶ ଦେଇଥିଲ । ସୁତରାଂ ମୋତେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଅ ଯେଉଁମାନେ ତୁମର ବାର୍ତ୍ତାକୁ ନିର୍ଭୀକ ଭାବରେ ପହଞ୍ଚାଇଥାନ୍ତି । ହେ ପ୍ରଭୁ ! ଏମିତି ହିଁ ହେଉ । (ଆମିନ୍ ସୁମ୍ମା ଆମିନ୍) ।

(ତୋହ୍‌ଫାତୁନ୍ ନଦ୍‌ୱା ରୁହାନୀ ଖଜାଇନ୍ ଭାଗ ୧୯ ପୃ- ୮୯,୯୦)

# ମୀର ନାସିର୍ ନୱାବ ସାହେବ ଦିଲ୍ଲୀ ନିବାସୀଙ୍କର କବିତା

କିସ୍ତି ନୁହ୍ ଓ ଦାଓତୁଲ୍ ଇମାନ୍ ହେ ଅଜବ୍ ଏକ କିତାବ ଆଲୀ ଶାନ୍
ତାଜା ହୋତା ହେ ଉସ୍‌କୋ ପଢ଼ କର ଦିଁ ଇସ ସେ ବଢ଼ତି ହେ ରୌନକେଁ ଇମାନ୍
ହେ ୟେ ଆବେ-ହୟାତ୍ ସେ ବେହତର୍ ମୁର୍ଦା ରୁହୋଁ କୋ ବଖଶ୍‌ତି ହେ ଜାନ୍
ଇସକି ତାରିଫ୍ ସେ ହୁଁ ମୈଁ ଆଜିଜ୍ ୱସଫ୍ ସେ ଉସକେ ଲାଲ୍ ମେରୀ ଜୁବାନ୍
ଗୁମ୍‌ରାହୋଁ କି ହେ ରହ୍‌ନୁମା ୟହ୍ କିତାବ୍ ହେ ହିଦାୟତ୍ କା ଉନ୍‌କେ ୟେ ସାମାନ୍
ବେକସୋଁ କି ହେ ତକିୟା ଗାଃ ୟହି ଲା ଇଲାଜୋଁ କା ଇସ୍ ମେଁ ହେ ଦର୍ମାନ୍
ହେ ମଜାମିନ୍ ଇସ୍ କେ ଲା ସାନୀ ହେ ଖୁଦା କେ ରସୁଲ କା ୟହ୍ ନିଶାନ୍
ଇସ୍ ସେ ଖୁଲ୍‌ତି ହେ ଦିନ୍ କେ ଉକ୍‌ଦେ ଗୌର୍ ସେ ଗର ଉସେ ପଢ଼େ ଇନ୍‌ସାନ
ଇଲମ୍ ଆତା ହେ ଜୁହଲ୍ ଯାତା ହେ ଦୁର୍ ହୋତା ହେ ଇସ୍‌ସେ ୱେହ୍‌ମୋ ଗୁମାନ୍
ବାଗ୍ ଦୁନିୟା ନେହିଁ ୟହ୍ ଜନ୍ନତ୍ ହେ ଜିସ୍ ମେଁ ଫିର୍‌ତେ ହେଁ ହୁର୍ ଅୱର ଗିଲ୍‌ମାନ
ଇସ୍ ମେଁ ହେଁ ଶିର୍ ଓ ଶେହଦ୍ କି ନହ୍‌ରେଁ ଜା ବଜା ଇସ୍ ମେଁ କସରେ ଆଲିଶାନ୍
କିସ୍ତି ବେ ନଜୀର୍ ହେ ୟହ୍ ମୁଫତ୍ କୋଇ ଉଜରତ୍ କା ୟାଁ ନେହିଁ ଖଓାହାନ୍
ଜିସ୍ ନେ ହମ୍ କୋ ଅତା ୟହ୍ କିସ୍ତି କି ଐସେ ମଲ୍ଲାହ୍ ପର ହେ ହମ୍ କୁର୍ବାନ୍
ୟା ଇଲାହୀ ତୁ ହମ୍ କୋ ଦେ ତୌଫିକ୍ କିଉଁକି ତୁ ହେ ରହିମ୍ ଅୱର ରହମାନ୍
ଦୁର୍ ହୋଁ ହମ୍ ସେ ନଫସ୍ କେ ଜଜ୍‌ବାତ୍ ହମ୍ ସେ ଭାଗେ ପରେ ପରେ ଶୈତାନ୍
ତେରେ ହୁକ୍‌ମୋଁ ପେ ହମ୍ ଚଲେଁ ଦିନରାତ୍ ଦିଲ ସେ ହମ୍ ମାନ ଲେଁ ତେରୀ ଫର୍ମାନ୍
ହମ୍ ସେ ତୁ ଖୁଶ୍ ହୋ ତୁଝ ସେ ହମ୍ ରାଜୀ ଜିସମ୍ ସେ ଜବ୍ ହମାରୀ ନିକଲେ ଜାନ୍
ତେରା ବନ୍ଦା ହେ ନାସିର୍ ଆଜିଜ୍ ଚାହ୍‌ତା ହେ ୟହ୍ ତୁଝ୍ ସେ ତେରୀ ଅମାନ୍
ତେରୀ ରହମାନ୍ କା ତୁଝ ସେ ଖୱାହାଁ ହେ ଫଜଲ୍ କା ତେରେ ତୁଝ ସେ ହେ ଜୋୟାନ୍
ଦୂର କର୍ ଉସ୍ କେ ବୋଝ ଅୟେ ମୌଲା ରାସ୍ତା ଅପ୍‌ନା ଉସ୍ ପେ କର୍ ଆସାନ୍
ଅତକିୟା ମେଁ ଇସେ ଭି ଶାମିଲ୍ କର୍ ରହେମ୍ କର୍ ରହେମ୍ ଉସ୍ ପେ ୟେ ସୁବହାନ୍

ଢ଼ାଙ୍କ ଦେ ଇସ୍‌କେ ଐବ୍ ଅୟେ ସତ୍‌ତାର କେ ୟେ ରଖ୍‌ତା ହୈ ତୁଝ ପେ ନେକ ଗୁମାନ୍

ବତୁଫେଲ୍ ମୁହମ୍ମଦ୍ ଓ୍ୱ ଅହମଦ୍ ଦର୍ଦ କା ଇସ୍‌କେ ଜଲ୍‌ଦ କର ଦର୍ମାନ୍

ଦିଲ ସେ ଅପ୍‌ନେ ୟହ୍ ହୈ ଗୁଲାମ-ଏ-ଇମାମ୍ କର୍ ମଦଦ୍ ଇସ୍‌କି ଜାହିରୋ ପିନ୍‌ହାନ୍

❋❋❋ ❋❋❋ ❋❋❋

بِسۡمِ اللّٰهِ الرَّحۡمٰنِ الرَّحِیۡمِ
نَحۡمَدُہٗ وَنُصَلِّیۡ عَلٰی رَسُوۡلِهِ الۡکَرِیۡمِ

# ନଦୱ୍ୱାବାସୀଙ୍କୁ ଉପହାର
## ପୁସ୍ତିକା ତୋହ୍‌ଫାତୁନ୍ ନଦ୍‌ୱା

ବହର୍ ଦମମ୍ ମଦୁଏ ଅଯ୍ ଖୁଦା ହମି ଆୟଦ୍
କୁଜାଅସ୍ତ୍ ଅହ୍‌ଲେ ବସିରତ୍ କେ ଚଶମ୍ ବକଶାୟଦ୍

ଆଜି ଅକ୍ଟୋବର ମାସ ୧୯୦୨ମସିହା ହାଫିଜ୍ ମୁହମ୍ମଦ ୟୁସୁଫ୍ ସାହେବ ପେନଶନର୍‌ଙ୍କ ପକ୍ଷରୁ ଏକ ବିଜ୍ଞାପନ ପ୍ରକାଶିତ ହୋଇଛି । ଯେଉଁଥିରେ ସେ ଲେଖିଛନ୍ତି ଯେ, ମୁଁ ଏକଦା ମୌଖିକ ରୂପେ ସ୍ୱୀକାର କରିଛି ଯେ, ଯେଉଁ ବ୍ୟକ୍ତିମାନେ ନବୀ, ରସୁଲ୍ ବା ସର୍ବଶକ୍ତିମାନ ପରମେଶ୍ୱରଙ୍କ ନିକଟରୁ ନିର୍ଦ୍ଦେଶ ପାଇଥିବାର ଦାବି କରିଥାନ୍ତି । ସେହି ବ୍ୟକ୍ତି ଏପରି ମିଥ୍ୟା ଦାବି କରି ଲୋକମାନଙ୍କୁ ପଥଭ୍ରଷ୍ଟ କରିବାର ଲକ୍ଷ୍ୟ ରଖି ୨୩ବର୍ଷ ପର୍ଯ୍ୟନ୍ତ (ଯାହା ହଜରତ ମୁହମ୍ମଦ ସ.ଅ.ଙ୍କ ଆବିର୍ଭାବର ସମ୍ପୂର୍ଣ୍ଣ ଯୁଗ) ଜୀବିତ ରହିଥିଲେ, ବରଂ ତାହା ଠାରୁ ବି ଅଧିକ । ଅଧିକନ୍ତୁ ହାଫିଜ୍ ସାହେବ ଏହି ବିଜ୍ଞାପନରେ ଲେଖିଛନ୍ତି ଯେ, ତାଙ୍କର ଏହି କଥାର ସମର୍ଥନରେ ତାଙ୍କର ଜଣେ ବନ୍ଧୁ ଅବୁ ଇସହାକ୍ ମୁହମ୍ମଦୀନ୍ 'କତଉଲ ଓ୍ୱତିନ୍' ନାମକ ଏକ ପୁସ୍ତକ ମଧ୍ୟ ରଚନା କରିଥିଲେ । ସେଥିରେ ମିଥ୍ୟା ଦାବିଦାରମାନଙ୍କ ଦାବିର ଅବଧି ସହିତ ଐତିହାସିକ ପୁସ୍ତକ ସନ୍ଦର୍ଭ ସହିତ ଲିଖିତ ଅଛି । ଏହି ସମସ୍ତ ଭାଷଣର ସାରାଂଶରୁ ଏହା ଜଣାପଡୁଛି ଯେ, ହାଫିଜ୍ ସାହେବଙ୍କୁ ପବିତ୍ର କୁରଆନର ଆୟତ- لَوۡ تَقَوَّلَ ଲୌ ତକଓ୍ୱଲା ଉପରେ ବିଶ୍ୱାସ ନାହିଁ । ଏଣୁ ନା ତ ସିଏ ତାହା ଉପରେ ବିଶ୍ୱାସ ଆଣିବାକୁ ଚାହାନ୍ତି । ଆଉ ନା ସେହି ଦିବ୍ୟ ଆୟତ- وَاِنۡ یَّکُ کَاذِبًا فَعَلَیۡهِ کَذِبُهٗ

ଇଁୟକୁ କାଜିବନ୍ ଫଆଲୈହି କଜିବୁହୁ (ମୁମିନ୍ 40:29) ଅର୍ଥାତ 'ଯଦି ସେ ମିଥ୍ୟାବାଦୀ ହୋଇଥାଏ ତେବେ ନିଶ୍ଚିତ ରୂପେ ତାହାର ମିଥ୍ୟାର ବୋଝ ତାହାରି ଉପରେ ପଡ଼ିବ ।' ଉପରେ ତାଙ୍କର ଆସ୍ଥା ଅଛି, ନା ତ ସିଏ ଏପରି ଆସ୍ଥା ରଖିବାକୁ ଚାହାନ୍ତି । ବରଂ ପୁସ୍ତକ 'କତଉଲ ଓ୍ୱତିନ୍' ପବିତ୍ର କୁରଆନର

ଏହି ଆୟତଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିସାରିଛି ଓ ତାଙ୍କ ପାଇଁ ଏହି ସମସ୍ତ ଆୟତ ଯେପରିକି- وَقَدْ خَابَ مَنِ افْتَرٰى

ଓକଦ୍ ଖାବା ମନିଫ୍ ତରା (ତାହା 20:62) ଅର୍ଥାତ୍ 'ଏବଂ ଯେ କେହି (ଅଲ୍ଲାଃଙ୍କ ପ୍ରତି) ମିଥ୍ୟା ଗଢ଼େ ସେ ଅକୃତକାର୍ଯ୍ୟ ହୁଏ ।' ସେହିପରି ଆୟତ-

إِنَّ الَّذِيْنَ يَفْتَرُوْنَ عَلَى اللّٰهِ الْكَذِبَ لَا يُفْلِحُوْنَ

ଇନ୍ନଲ୍ ଲଜିନା ୟଫ୍‌ତରୁନା ଅଲଲ୍ଲାହି କଜିବା ଲାୟୁଫ୍‌ଲିହୁନ୍ (ନହଲ୍ 16:117) ଅର୍ଥାତ୍ 'ନିଃସନ୍ଦେହରେ ଯେଉଁ ଲୋକମାନେ ଅଲ୍ଲାଃଙ୍କ ପ୍ରତି ମିଥ୍ୟା ଗଢ଼ନ୍ତି ସେମାନେ କଦାପି କୃତକାର୍ଯ୍ୟ ହୁଅନ୍ତି ନାହିଁ ।' ସେହିପରି ଆୟତ-

فَبَدَّلَ الَّذِيْنَ ظَلَمُوْا قَوْلًا غَيْرَ الَّذِيْ قِيْلَ لَهُمْ فَاَنْزَلْنَا عَلَى الَّذِيْنَ ظَلَمُوْا رِجْزًا مِّنَ السَّمَآءِ

ଫବଦ୍‌ଦଲଲ୍ଲଜିନା ଜଲମୁ କୌଲନ୍ ଗୈରଲ୍ଲଜି କିଲାଲହୁମ୍ ଫଅନ୍‌ଜଲ୍‌ନା ଅଲ୍ଲଲଜିନା ଜଲମୁ ରିଜ୍‌ଜମ୍ ମିନସ୍ ସମା (ବକରା 2:60) ଅର୍ଥାତ୍ 'ଯେଉଁ ଲୋକମାନେ ଅତ୍ୟାଚାର କଲେ ସେମାନେ ସେହି କଥାକୁ ଯାହା ସେମାନଙ୍କୁ କୁହାଯାଇଥିଲା, ଅନ୍ୟ କୌଣସି କଥାରେ ବଦଳାଇ ଦେଲେ । ସୁତରାଂ ଆମ୍ଭେ ଅତ୍ୟାଚାରୀମାନଙ୍କ ଉପରେ ଆକାଶରୁ ଏକ ଶାସ୍ତି ଅବତୀର୍ଣ୍ଣ କଲୁ ।' ଏହି ସମସ୍ତ ଆୟତ ବାତିଲ୍ ହୋଇଯାଉଛି, ଯାହାକି ଏବେ କାର୍ଯ୍ୟକ୍ଷମ ନୁହେଁ । ପୁଣି ସେହି ଆୟତଗୁଡ଼ିକ ମଧ୍ୟରୁ ଏପରି ମଧ୍ୟ ଆୟତ ଅଛି, ଯେଉଁଥିରେ ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି, ଯେ ଯଦି ଏହି ନବୀ କେତେକ କଥା ନିଜ ଆଡୁ ଗଢ଼ି ମୋ ଆଡ଼କୁ ସମ୍ବୋଧିତ କରିଦିଏ ତେବେ ମୁଁ ତାକୁ ଧରି ନେଇଥାଏ ଏବଂ ତାହାର ଜୀବନ ନାଡିକାକୁ କାଟି ଦେଇଥାଏ । ଯେପରିକି ଏହି ସମସ୍ତ ଆୟତ 'କତଉଲ ଓ୍ୱତିନ୍' ପୁସ୍ତକ ଦ୍ୱାରା ରଦ୍ଦ ହୋଇଗଲା ଏବଂ ଏଥିରୁ ଏହା ମଧ୍ୟ ପ୍ରମାଣିତ ହୁଏ, ଯେପରିକି ସର୍ବଶକ୍ତିମାନ ପରମେଶ୍ୱରଙ୍କ ଏହି ସମସ୍ତ ସତର୍କ ସୂଚକ ଭବିଷ୍ୟବାଣୀ ଯାହାକି ଉପରୋକ୍ତ ସମସ୍ତ ଆୟତରେ ମିଥ୍ୟା (ଅପବାଦକାରୀ)ଙ୍କ ସଂକ୍ରାନ୍ତରେ ରହିଛି, ଏହା ବିପରୀତ କଥା ଥିଲା । ହାଫିଜ୍ ସାହେବଙ୍କର ଏହି କଥନ ଅନୁସାରେ ଅବତାରଗଣ ଯଦିଚ ନଊଜୁବିଲ୍ଲାଃ (ଅଲ୍ଲାଃ କ୍ଷମା କରନ୍ତୁ) ମିଥ୍ୟା ଦାବି କରିଥିଲେ ସୁଦ୍ଧା ତାଙ୍କୁ ହତ୍ୟା କରାଯାଇ ନଥା'ନ୍ତା । ଯେପରିକି ଈଶ୍ୱରଙ୍କ ଶାସନରେ ମିଥ୍ୟାରୋପକାରୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେଠାରେ ସମସ୍ତ ପ୍ରକାରର

ଧୋକାବାଜି ଓ ଛଳନା ଚଳିଯାଇ ଥାଏ ।* ତେବେ ଏହାର ସମ୍ଭାବନା ଥିଲା ଯେ, ଯଦି ପରମେଶ୍ୱର ବିରୁଦ୍ଧରେ କୌଣସି ନବୀ ମିଥ୍ୟାଚାର ମଧ୍ୟ କରିଥାଏ ତେବେ କ'ଣ ସାଂସାରିକ ଜୀବନରେ ତା' ପାଇଁ କୌଣସି ଶାସ୍ତି ନଥିଲା, ସତେ ଯେପରି ଈଶ୍ୱରଙ୍କ ନିୟମ ଠାରୁ ମନୁଷ୍ୟକୃତ ପ୍ରଶାସନିକ ନିୟମାବଳୀ ଉର୍ଦ୍ଧ୍ୱରେ । ଯଦ୍ୱାରା ସେଥିରେ ମିଥ୍ୟା ପ୍ରମାଣପତ୍ର ପ୍ରସ୍ତୁତକାରୀ ତୁରନ୍ତ ଧରା ପଡ଼ିଯାଆନ୍ତି ଓ ଦଣ୍ଡିତ ହୋଇଥାନ୍ତି । ଏଠାରେ ସେହି ବିଷୟଟିର ମଧ୍ୟ ସମାଧାନ ହୋଇଗଲା ଯେ ହଜରତ ମୁହମ୍ମଦ ସ.ଅଙ୍କୁ କୁରଆନ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଯାହା ୨୩ବର୍ଷ ଅବଧି ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା, ଅବସର ମିଳିଯିବା ଓ ବିରୋଧ ପୂର୍ଣ୍ଣ ଉଦ୍ୟମ ଦ୍ୱାରା ହତ୍ୟା କରାଯିବା ପାଇଁ ଉଦ୍ଦିଷ୍ଟ ଥିଲା । ସେଥିରୁ ସୁରକ୍ଷିତ ରହିବା ଏବଂ ନିଜ ଆୟୁଷ ସମ୍ପୂର୍ଣ୍ଣ କରି ଅଲ୍ଲାଃଙ୍କ ଆଦେଶାନୁଯାୟୀ ଏହି ଧରାପୃଷ୍ଠରୁ ଚାଲିଯିବା । ସେହିପରି ମୋ ପାଇଁ ମଧ୍ୟ ୮୦ବର୍ଷ ବଞ୍ଚିବାର ଭବିଷ୍ୟତ ବାଣୀ ରହିଛି, ଯେପର୍ଯ୍ୟନ୍ତ କି ମୁଁ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିନେବି । କ'ଣ ଏହି କଥାଟି ହାଫିଜ୍ ସାହେବଙ୍କ ନିକଟରେ ଚମତ୍କାର ସ୍ୱରୂପ ନୁହେଁ? ଯାହା ଦ୍ୱାରା ଭବିଷ୍ୟତ ବାଣୀ ପୂରଣ ହେବା ପରେ କୌଣସି ବ୍ୟକ୍ତିକୁ ସତ୍ୟବାଦୀ ବିବେଚନା କରାଯାଏ । ବସ୍ତୁତଃ ମୁଁ ଓ ହଜରତ ମୁହମ୍ମଦସ.ଅ କ'ଣ ହାଫିଜ୍ ସାହେବଙ୍କ ଧର୍ମ

* ଅଥଚ ହାଫିଜ୍ ସାହେବଙ୍କ ପାଇଁ ମିଥ୍ୟାବାଦୀ ପୈଗମ୍ବରମାନଙ୍କୁ ମଧ୍ୟ ଏତିକି ସମର୍ଥନ ହୋଇପାରନ୍ତା, ଯେ ଶତ୍ରୁମାନଙ୍କର ପ୍ରାଣମୂର୍ଚ୍ଛା ପ୍ରୟାସ ପରେ ମଧ୍ୟ ସେମାନେ ସେହି ସମୟ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତେ । ଯାହା ଫଳରେ ନିଜ ଧର୍ମକୁ ପୃଥିବୀ ପୃଷ୍ଠରେ ସ୍ଥାପିତ କରି ଦେବେ ତେବେ ଏହି ନୀତିଶିକ୍ଷା ହେତୁ ସତ୍ୟବାଦୀ ଅବତାରମାନଙ୍କ ସମସ୍ତ ମାନ୍ୟତା ମାଟିରେ ମିଶିଯିବ ଏବଂ ମିଥ୍ୟା ଓ ସତ୍ୟରେ ବହୁତ ବଡ଼ ଫାଟ ସୃଷ୍ଟି ହୋଇଯିବ । ତେଣୁ ଏହା ପ୍ରକାଶ୍ୟ ଯେ, ହଜାର ହଜାର ଶତ୍ରୁଙ୍କ ଦ୍ୱାରା ଶତସହସ୍ର ମନ୍ଦ ଉଦ୍ଦେଶ୍ୟ, ପ୍ରତାରଣା ଓ ଉଦ୍ୟମର ବିପରୀତରେ ଜଣେ ଈଶ୍ୱର ପ୍ରେରିତଙ୍କୁ ଜୀବିତ ରଖିବା ତଥା ଧର୍ମକୁ ପୃଥିବୀ ପୃଷ୍ଠରେ ସ୍ଥାପିତ କରିବା ହେଉଛି ପରମେଶ୍ୱରଙ୍କ ଏକ ବହୁତ ବଡ଼ ଚମତ୍କାର ଯାହାକି ସତ୍ୟବାଦୀ ଓ ସମ୍ପୂର୍ଣ୍ଣ ଅବତାରମାନଙ୍କୁ ପ୍ରଦାନ କରାଯାଇଥାଏ । ସୁତରାଂ ଯେତେବେଳେକି ଏହି ଚମତ୍କାରୀତାରେ ମିଥ୍ୟାବାଦୀ ପୈଗମ୍ବର ମଧ୍ୟ ସାମିଲ ଥାନ୍ତି ତେଣୁ ଏପରିସ୍ଥଳେ ଚମତ୍କାରୀତା ବିଶ୍ୱସନୀୟ ହୋଇ ରହିଲା ନାହିଁ । ସତ୍ୟ ନବୀଙ୍କ ସତ୍ୟତା ଉପରେ କୌଣସି ଲକ୍ଷଣ ଦୃଷ୍ଟିଗୋଚର ହୋଇ ରହିଲା ନାହିଁ । ବାଃ ! ହାଫିଜ୍ ସାହେବ ଆପଣ ତ ଇସଲାମକୁ ହିଁ ସମାପ୍ତ କରିଦେଲେ । ହାଫିଜ୍ ହେବ ତ ଏହିପରି ହେବ । ସେଥିରୁ

(ଆସ୍ଥା) ଅନୁସାରେ ଏହି ଐଶ୍ୱରିକ ସୁରକ୍ଷା ଓ ଐଶୀ ମର୍ଯ୍ୟାଦାକୁ ନିଜର ସତ୍ୟତାର ପ୍ରମାଣ ରୂପେ ଗ୍ରହଣ କରିପାରିବେ ନାହିଁ । ବରଂ କାଜୀବ୍ (ମିଥ୍ୟାବାଦୀ) ମଧ୍ୟ ଏଥିରେ ସମ୍ପୃକ୍ତ ହୋଇପାରେ । କିନ୍ତୁ ଏହି ଉପାୟରେ ତ ପବିତ୍ର କୁରଆନର ସମ୍ପୂର୍ଣ୍ଣ ବିଷୟବସ୍ତୁ ଭୁଲ୍ ସାବ୍ୟସ୍ତ ହେଉଛି । କାରଣ ପବିତ୍ର କୁରଆନରୁ ଏହା ପ୍ରମାଣିତ ହୋଇଛି ଯେ, ପ୍ରତ୍ୟେକ ମିଥ୍ୟା ଦାବିଦାର ଧରା ପଡ଼ିବ, ଅପମାନିତ ହେବ ଓ ମରିବ କିନ୍ତୁ ସଫଳତା ଅର୍ଜନ କରିପାରିବ ନାହିଁ । ମଣିଷର ବୁଦ୍ଧି ମଧ୍ୟ ଏହା ସ୍ୱୀକାର କରିଥାଏ ଯେ ଜଣେ ମିଥ୍ୟାବାଦୀ ଯିଏ ଜାଣିଶୁଣି ଈଶ୍ୱରଙ୍କ ବିଧି ଓ ନୀତିନିୟମକୁ ନଷ୍ଟ କରିବାକୁ ଚାହୁଁଛି, ସେ ନିଶ୍ଚୟ ବିନାଶ ହେବା ଉଚିତ୍ । ଈଶ୍ୱରଙ୍କର ଏହି ନୀତିବାଣୀ ସ୍ଥାନେ ସ୍ଥାନେ ପୁରାତନ ଧର୍ମଗ୍ରନ୍ଥରେ ମଧ୍ୟ ଉଲ୍ଲେଖ ରହିଛି । କିନ୍ତୁ ହାଫିଜ୍ ସାହେବଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ବହୁତ ଲୋକ ମିଥ୍ୟା ଐଶ୍ୱରିକ ବାଣୀ ଓ ମିଥ୍ୟା ଅବତାର ହେବାର ଦାବି କରିଥିଲେ । ପୁଣି ସେହି ଦାବି କ୍ରମାଗତ ଭାବରେ ତିରିଷ ବର୍ଷ ପର୍ଯ୍ୟନ୍ତ ଜାରି ରଖିଥିଲେ ଏବଂ ସେହି ମିଥ୍ୟା ଦାବିଦାରମାନେ ନିଜକୁ ଅବତାର ରୂପେ ଗଣନା କରିଥିଲେ । ତଥା ମିଥ୍ୟା ଐଶ୍ୱରିକ ବାଣୀ ଗଢ଼ିବାର ପନ୍ଥା ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଛାଡ଼ି ନଥିଲେ । ଏପରିକି ସେହି ଅବମାନନା ଅବସ୍ଥାରେ ମୃତ୍ୟୁବରଣ କଲେ ଏବଂ ସର୍ବଶକ୍ତିମାନ ପରମେଶ୍ୱର ତାଙ୍କ ବୟସ ଓ କାର୍ଯ୍ୟରେ ବିପୁଳ ସମୃଦ୍ଧି ଆଣିଦେଲେ ତଥା ତାଙ୍କୁ କୌଣସି ଶାସ୍ତି ଦେଇ ନଥିଲେ । ଆଉ ଏହା ପ୍ରମାଣିତ ହୋଇ ପାରିଲା ନାହିଁ, ଯେ ସେମାନେ କେଉଁ ସମୟରେ ଅନୁତାପ କରିଥିଲେ ଓ କୌଣସି କ୍ଷଣରେ ତାଙ୍କର ଏହି ଅନୁତାପ ଦେଶରେ ପ୍ରକଟ ହୋଇ ଲୋକମାନଙ୍କୁ ଏହା ଅବଗତ କରାଇଥିଲା ଯେ, ସେ ପୁନଶ୍ଚ ମୁସଲମାନ ହେଲେ । ହାଫିଜ୍ ସାହେବ ବର୍ଣ୍ଣନା କରଛନ୍ତି ଯେ ଏହି କଥାର ପ୍ରମାଣ 'କତଉଲ ୱ୍ତିନ୍' ପତ୍ରିକାରେ ପ୍ରାଞ୍ଜଳ ଭାବେ ଲିପିବଦ୍ଧ ଅଛି । ହାଫିଜ୍ ସାହେବ ଲେଖିଛନ୍ତି ଯେ, ମୁଁ ପୁରସ୍କାର ସ୍ୱରୂପ ପାଞ୍ଚ ଶହ ଟଙ୍କା ନେବାକୁ ଚାହେଁ ନାହିଁ । ଏହା ପରିବର୍ତ୍ତେ ମୁଁ ଚାହୁଁଛି ଯେ, ନଦ୍ୱାତୁଲ୍ ଉଲମାର ବାର୍ଷିକ ସମ୍ମିଳନୀରେ ଯାହାକି ୨୯ ଅକ୍ଟୋବର ୧୯୦୨ମସିହାରେ ଅମୃତସର ଠାରେ ଆୟୋଜିତ ହେବାର ଅଛି । ଏଥିରେ ଭାରତ ବର୍ଷର ପ୍ରସିଦ୍ଧ ପଣ୍ଡିତମାନେ ଅଂଶଗ୍ରହଣ କରିବେ, ସେଠାରେ ମିର୍ଜା ସାହେବ ଅର୍ଥାତ୍ ଏହି ବିନୀତ ଏ କଥା ଲିଖିତ ଆକାରରେ ସ୍ୱୀକାର କରିବ ଯେ, ଯେଉଁ ଉଦାହରଣ ପ୍ରସ୍ତୁତ କରାଯାଇଛି (ପତ୍ରିକା 'କତଉଲ ୱ୍ତିନ୍'ରେ) ଯଦି ନିର୍ଦ୍ଧାରିତ ନିଷ୍ପତ୍ତିକାରୀଙ୍କ ଦ୍ୱାରା ଅର୍ଥାତ୍ ନଦ୍ୱାର ପଣ୍ଡିତମାନଙ୍କ ପାଖରେ ପରୀକ୍ଷାରେ କୃତିତ୍ୱ ଲାଭ

କରେ ଅର୍ଥାତ୍ ନଦ୍‌ଓ୍ୱାବାସୀ ଏହା ସ୍ୱୀକାର କରିନେବେ ଯେ, ଯେଉଁ ବୟସରେ ଐଶ୍ୱରିକ ବାଣୀକୁ ମୁଁ ପ୍ରାରମ୍ଭରୁ ପାଇଛି । ଏବଂ ଯେଉଁ ପ୍ରକାଶର ସହିତ ଓ ବଳପୂର୍ବକ ତଥା ବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କ ଓ୍ୱହି ଉପରେ ମୋର ଦାବି ରହିଛି । ମୁଁ ହଜାର ହଜାର ବାକ୍ୟ ପରମେଶ୍ୱରଙ୍କ ଓ୍ୱହି ଦ୍ୱାରା ନିଜ ପାଇଁ ଲେଖିଛି, ଯାହାକି ସଂସାରରେ ପ୍ରସିଦ୍ଧି ଲାଭ କରିଛି । ସେହିପରି ସେମାନେ ମଧ୍ୟ ସଂସାରରେ ବିଖ୍ୟାତ କରିଥିଲେ । ପରମେଶ୍ୱରଙ୍କ ପ୍ରସଙ୍ଗରେ ମିଥ୍ୟା ଗଢ଼ିଥିବା ସେହି (ଲୋକମାନେ) କ'ଣ ମରି ନଥିଲେ ? କ'ଣ ମୋ ପରି ସେମାନଙ୍କର ବି ଜମାଅତ ହୋଇଥିଲା । ତେବେ ଏହି ପରିପ୍ରେକ୍ଷୀରେ ମୋତେ ସେହି ସଭାରେ ଅନୁତାପ କରିବା ଉଚିତ୍ । ମୁଁ ସ୍ୱୀକାର କରୁଛି ଯେ, ନଦ୍‌ଓ୍ୱାର ବିଦୁଷମାନେ ଯଦି ଈଶ୍ୱର ତାଙ୍କୁ ପ୍ରତିଭାଶାଳୀ ଚକ୍ଷୁ ଦେଇଛନ୍ତି ଓ (ତାଙ୍କ ଠାରେ) ଅଲ୍ଲାଃଙ୍କ ଭୟ ତଥା ନ୍ୟାୟପରାୟଣତା ଅଛି ଏବଂ ସମ୍ପୂର୍ଣ୍ଣ ରୂପେ ବିଚାର କରିବା ପାଇଁ ସମୟ ମଧ୍ୟ ଅଛି । ତେବେ ସେ ଅବଶ୍ୟ ମୋର ବର୍ଣ୍ଣନା ଓ ହାଫିଜ୍ ସାହେବଙ୍କର 'କତଉଲ ଓ୍ୱତିନ୍'କୁ ଦେଖି ସଠିକ୍ ଫତ୍‌ଓ୍ୱା (ନିଷ୍ପତ୍ତି) ଦେଇପାରିବେ । କିନ୍ତୁ ମୁଁ ନଦ୍‌ଓ୍ୱାବାସୀଙ୍କ ପାଖକୁ ଅମୃତସର ଠାରେ ସାକ୍ଷାତ ପାଇଁ ଆସିପାରିବି ନାହିଁ । କାରଣ ମୋର ତାଙ୍କ ଉପରେ ସକାରାତ୍ମକ ଧାରଣା ନାହିଁ । ସତ୍ୟ ଏହିକି ଯେ, ମୁଁ ନା ତ ସେମାନଙ୍କୁ ଧର୍ମନିଷ୍ଠ ଭାବେ (ଭବିଷ୍ୟତରେ ଯଦି ପରମେଶ୍ୱର ସେମାନଙ୍କ ମଧ୍ୟରୁ କାହାକୁ ଧର୍ମପରାୟଣ କରିଦିଏ ତେବେ ଏହା ତାଙ୍କର କୃପାଶିଷ ହେବ) ଏବଂ ନା ତ (ମୁଁ ତାଙ୍କୁ) କୁରଆନର ବାସ୍ତବତା ବିଷୟରେ ଅବଗତ ଥିବେ ବୋଲି ବିବେଚନା କରେ, କାରଣ ଏହି କଥା لَّا يَمَسُّهُ إِلَّا الْمُطَهَّرُونَ ଲାୟମୁସ୍‌ସୁହୁ ଇଲ୍‌ଲ୍ଲ ମୁତହ୍‌ହରୁନ୍ (ଓ୍ୱାକେୟା 56:80) ଅର୍ଥାତ୍ "ପବିତ୍ର ଲୋକମାନଙ୍କ ବ୍ୟତୀତ ଅନ୍ୟ କେହି ଏହର ସତ୍ୟତାକୁ ପ୍ରାପ୍ତ କରିପାରିବେ ନାହିଁ" ଉପରେ ନିର୍ଭର କରେ । ପୁନଶ୍ଚ ମୁଁ ତାଙ୍କର ହକମ୍ (ଚୂଡ଼ାନ୍ତ ନିଷ୍ପତ୍ତିଦାତା) ହେବାର କେଉଁ କାରଣରୁ ସ୍ୱୀକାର କରିବି । ହଁ, ଯଦି ତାଙ୍କ ମଧ୍ୟରୁ କିଛି ନିର୍ବାଚିତ ମୌଲବୀ ସତ୍ୟର ଅଭିଳାଷରେ କାଦିୟାନ ଆସନ୍ତେ ତେବେ ମୁଁ ତାଙ୍କୁ ମୌଖିକ ଧର୍ମ ଶିକ୍ଷା ଦେଇପାରେ । ଅନ୍ୟଥା ଈଶ୍ୱରଙ୍କ କାର୍ଯ୍ୟ ଚାଲୁଛି, ଯାହାକୁ କେହି ମଧ୍ୟ ରୋକି ପାରିବେ ନାହିଁ । ବିରୋଧୀଙ୍କ ଠାରୁ (ଫତଓ୍ୱା) ନିଷେଧତା କୌଣସି ଅର୍ଥ ରଖେ ନାହିଁ । ତଥାପି ହାଫିଜ୍ ସାହେବଙ୍କ ଏହି ବିଜ୍ଞାପନ ଦ୍ୱାରା ନଦ୍‌ଓ୍ୱାବାସୀଙ୍କ ନିମନ୍ତେ ଧର୍ମ ପ୍ରଚାର କରିବାର ଗୋଟିଏ ଅବସର ସୃଷ୍ଟି କରିବ । ହାଫିଜ୍ ସାହେବ ଏହା ସ୍ମରଣ ରଖନ୍ତୁ ଯେ, ଯାହାକିଛି ପୁସ୍ତକ 'କତଉଲ ଓ୍ୱତିନ୍' ଅବତାରତ୍ୱର ମିଥ୍ୟା ଦାବିଦାରଙ୍କ ସମ୍ବନ୍ଧରେ

ଉପାଖ୍ୟାନ ଲେଖାଯାଇଛି । ସେହି କାହାଣୀ ସେପର୍ଯ୍ୟନ୍ତ ଗୋଟିଏ କ୍ଷୁଦ୍ର କଣିକା ସ୍ୱରୂପ ବିଶ୍ୱସନୀୟ ନୁହେଁ, ଯେପର୍ଯ୍ୟନ୍ତ ଏହା ପ୍ରମାଣିତ ନହେବ ଯେ ଅପବାଦ କାରୀମାନେ ନିଜର ଏହି ଦାବି ଉପରେ ଜିଦ୍ ଧରି ବସିଲେ ଓ ଅନୁତାପ କଲେ ନାହିଁ । ତେବେ ସେହି ଜିଦ୍ ସେପର୍ଯ୍ୟନ୍ତ ପ୍ରାମଣିତ ହେବ ନାହିଁ । ଯେପର୍ଯ୍ୟନ୍ତ ସେହି ଯୁଗରେ କୌଣସି ଲିଖିତ ପ୍ରମାଣ ଦ୍ୱାରା ଏହା ସାବ୍ୟସ୍ତ ନହୋଇଯିବ ଯେ, ସେମାନେ ଏହି ମିଥ୍ୟାରୋପ ଓ ନବୁଓ୍ୱତ୍‌ର ମିଥ୍ୟା ଦାବି ହେତୁ ମୃତ୍ୟୁ ବରଣ କରିଥିଲେ । ପୁଣି ସେତେବେଳର କୌଣସି ମୌଲବୀ (ତାଙ୍କର) ଜନାଯାଃ ପାଠ କଲେ ନାହିଁ, ନା ସେମାନେ ମୁସଲମାନମାନଙ୍କ କବ୍ରସ୍ତାନରେ ସମାଧି ଦିଆଗଲେ । ସେହିପରି ଏହି କାହାଣୀ କଦାପି ପ୍ରମାଣିତ ହୋଇ ନପାରେ, ଯେପର୍ଯ୍ୟନ୍ତ ଏହା ପ୍ରାମଣିତ ନହୁଏ ଯେ ତାଙ୍କର ସମ୍ପୂର୍ଣ୍ଣ ବୟସରେ ଗଢ଼ିଥିବା ମିଥ୍ୟା ଯାହାକୁ ସେ ମିଥ୍ୟାରେ ଅଲ୍ଲାଃଙ୍କ ବାଣୀ ଦର୍ଶାଇ ଥିଲେ, ତାହା ବର୍ତ୍ତମାନ କେଉଁଠାରେ ଅଛି ? ତାଙ୍କର ଐଶ୍ୱରିକ ବାଣୀ ସମ୍ବଳିତ ପୁସ୍ତକ କାହା କାହା ପାଖରେ ଅଛି । ଯାହା ଫଳରେ ସେହି ପୁସ୍ତକରୁ ଦେଖାଯିବ ଯେ, କ'ଣ ସେମାନେ କୌଣସି ଐଶ୍ୱରିକ ବାଣୀ ନିଜ ଉପରେ ଅବତୀର୍ଣ୍ଣ ହେବାର ଦାବି କରିଥିଲେ । ଏହି ଆଧାରରେ ସେ ସ୍ୱୟଂକୁ ଛାୟା ବା ସହାୟକ ନବୀ ହେବାର ଘୋଷଣା କରିଥିଲେ ଏବଂ ନିଜ ଦୈବୀବାଣୀକୁ ଅନ୍ୟ ଅବତାରଙ୍କ ଐଶ୍ୱରିକ ବାଣୀ ସଦୃଶ ଅଲ୍ଲାଃଙ୍କ ପକ୍ଷରୁ ଆସିଥିବା ପରି ଭାବିଛନ୍ତି । ଯାହା ଫଳରେ ତକଓ୍ୱଲାର ଅର୍ଥ ତାଙ୍କ ଉପରେ ସତ୍ୟସିଦ୍ଧ ହେବ । ହାଫିଜ୍ ସାହେବଙ୍କୁ ଜଣା ନାହିଁ ଯେ, ତକଓ୍ୱଲାର ଆଦେଶ ବିଛିନ୍ନ ଓ ବିଶ୍ୱାସ ସମ୍ବନ୍ଧରେ ରହିଛି । ଯେପରିକି ମୁଁ ବାରମ୍ବାର ବର୍ଣ୍ଣନା କରି ଆସିଛି ଯେ, ଏହି ବାଣୀ ଯାହା ମୁଁ ଶୁଣାଉଛି, ଏହା ନିଧାର୍ଯ୍ୟ ଓ ନିଶ୍ଚିତ ରୂପେ ଅଲ୍ଲାଃଙ୍କ ବାଣୀ । ଯେପରିକି ପବିତ୍ର କୁରଆନ ଓ ତୌରାତ୍ ଅଲ୍ଲାଃଙ୍କର ଦିବ୍ୟ ଓ ଅଲୌକିକ ବାଣୀ । ମୁଁ ଅଲ୍ଲାଃଙ୍କର ଛାୟା ଓ ସହାୟକ ଅବତାର ହୋଇ ଆସିଛି । ତେଣୁ ପ୍ରତ୍ୟେକ ମୁସଲମାନ ଧର୍ମ ସମ୍ବନ୍ଧରେ ମୋର ଆଜ୍ଞା ପାଳନ କରିବା ବାଧ୍ୟତାମୂଳକ ଏବଂ (ମୋତେ) ପ୍ରତିଶ୍ରୃତ ମସିହ ବୋଲି ମାନିବା ଅନିବାର୍ଯ୍ୟ । ପ୍ରତ୍ୟେକ ସେହି ବ୍ୟକ୍ତି ଯାହା ସମ୍ମୁଖରେ ମୋର ବାଣୀ (ବାର୍ତ୍ତା) ପହଞ୍ଚି ଯାଇଛି । ସେ ମୁସଲମାନ କିନ୍ତୁ ମୋତେ ନିଜର ହାକିମ (ବିଚାରକ) ସ୍ୱୀକାର କରୁ ନାହିଁ । ଆଉ ନା ତ ମୋତେ ପ୍ରତିଶ୍ରୃତ ମସିହ ବୋଲି ମାନେ ଓ ମୋର ଐଶ୍ୱରିକ ବାଣୀକୁ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପକ୍ଷରୁ ଗ୍ରହଣ କରେ ନାହିଁ ତେବେ ସେ ଆକାଶଲୋକରେ ଉତ୍ତର ଦେବ ଯେ, ଯେଉଁ ବାର୍ତ୍ତାକୁ ସେ ନିଜ ସମୟରେ

ସ୍ୱୀକାର କରିବାର ଥିଲା, ତାହାକୁ କେଉଁ କାରଣରୁ ଅସ୍ୱୀକାର କରିଦେଲା । ମୁଁ କେବଳ ଏହା କହୁ ନାହିଁ, ଯେ ଯଦି ମୁଁ ମିଥ୍ୟାବାଦୀ ହୋଇଥାନ୍ତି ତେବେ ମୋତେ ବିନାଶ କରି ଦିଆଯାଇଥାନ୍ତା, ବରଂ ମୁଁ ଏହା ମଧ୍ୟ କହୁଅଛି ଯେ, ମୁସା ଓ ଇସା ତଥା ଦାଉଦ୍ ଏବଂ ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅଙ୍କ ପରି ସତ୍ୟବାଦୀ । ଆଉ ମୋ ସତ୍ୟତା ପାଇଁ ସ୍ୱୟଂ ପରମେଶ୍ୱର ଦଶ ହଜାରରୁ ଉର୍ଦ୍ଧ୍ୱ ନିଦର୍ଶନ ଦେଖାଇଛନ୍ତି । ପବିତ୍ର କୁରଆନ ମୋ ପାଇଁ ସାକ୍ଷୀ ଦେଇଅଛି । ଅଲ୍ଲାଃଙ୍କ ପ୍ରିୟ ଅବତାର ରସୁଲୁଲ୍ଲାଃସ.ଅ (ତାଙ୍କ ଉପରେ କରୁଣା ଅବତୀର୍ଣ୍ଣ ହେଉ) ମୋ ପାଇଁ ସାକ୍ଷୀ ଦେଇଛନ୍ତି । ପୂର୍ବ ଅବତାରମାନେ ମୋ ଆଗମନର ସମୟ ନିର୍ଦ୍ଧାରିତ କରିଥିଲେ, ଯାହାକି ଏହି ଯୁଗ ଓ ପବିତ୍ର କୁରଆନ ମଧ୍ୟ ମୋ ଆଗମନର ସମୟ ନିର୍ଦ୍ଧାରିତ କରି ଦେଇଛି, ଯାହାକି ଏହି ଯୁଗ । ମୋ ପାଇଁ ଆକାଶ ଓ ପୃଥିବୀ ମଧ୍ୟ ସାକ୍ଷୀ ଦେଇଅଛି ଏବଂ କୌଣସି ଅବତାର ଏପରି ନାହାନ୍ତି ଯିଏ ମୋ ପାଇଁ ସାକ୍ଷୀ ଦେଇ ନାହାନ୍ତି । ଯେପରିକି ମୁଁ କହିଛି ଯେ, ମୋର ଦଶ ହଜାର ଦୈବି ଚିହ୍ନ ରହିଛି । ଏହା ତ ଏକ କ୍ଷୁଦ୍ର ଉଦାହରଣ ସ୍ୱରୂପ ଦର୍ଶାଯାଇଛି । ବରଂ ମୁଁ ତାଙ୍କରି ଶପଥ ନେଉଛି ଯେଉଁ ପରମ ସତ୍ତାଙ୍କ ହସ୍ତରେ ମୋର ପ୍ରାଣ ରହିଛି । ଯଦି ଏକ ସାଧା (ଅଲେଖା) ପୁସ୍ତକ ଯାହାକି ହଜାର ଖଣ୍ଡରେ ସମ୍ବଳିତ ଓ ସେଥିରେ ନିଜ ସତ୍ୟତାର ପ୍ରମାଣ ଲେଖିବାକୁ ଚାହେଁ, ତେବେ ମୁଁ ପୂର୍ଣ୍ଣ ବିଶ୍ୱାସର ସହିତ କହୁଛି; ଯେ ସେ ପୁସ୍ତକ ସମାପ୍ତ ହୋଇଯିବ କିନ୍ତୁ ସେ ପ୍ରମାଣ ସମାପ୍ତ ହେବ ନାହିଁ । ଅଲ୍ଲାଃତାଲା ନିଜ ପବିତ୍ର ବାଣୀରେ କହିଛନ୍ତି;

وَاِنۡ يَّكُ كَاذِبًا فَعَلَيۡهِ كَذِبُهٗ‌ ۚ وَاِنۡ يَّكُ صَادِقًا يُّصِبۡكُمۡ بَعۡضُ الَّذِىۡ
يَعِدُكُمۡ‌ ؕ اِنَّ اللّٰهَ لَا يَهۡدِىۡ مَنۡ هُوَ مُسۡرِفٌ كَذَّابٌ

ଓଇଁୟକୁ କାଜିବନ୍ ଫଆଲୈହି କଜିବୁହୁ ଓଇଁୟକୁ ସାଦିକଇଁ ୟୁସିବ୍‌କୁମ୍ ବାଜୁଲ୍ ଲଜି ୟଇଦୁକୁମ୍ । ଇନ୍ନଲ୍‌ଲାହା ଲା ୟହ୍‌ଦି ମନ୍ ହୁଓ। ମୁସରିଫୁନ୍ କଜ୍ଜାବ୍ (ମୁମିନ୍ 40:29)

ଅର୍ଥାତ୍ ଏବଂ ଯଦି ସେ ମିଥ୍ୟାବାଦୀ ହୋଇଥାଏ ତେବେ ତାହାର ମିଥ୍ୟାର ବୋଝ ତାହାରି ଉପରେ ପଡ଼ିବ ଏବଂ ତାହାର ମିଥ୍ୟା ହିଁ ତାକୁ ବିନାଶ କରିଦେବ । କିନ୍ତୁ ଯଦି ସେ ସତ୍ୟବାଦୀ ହୋଇଥାଏ ତେବେ ତୁମମାନଙ୍କ ସଂକ୍ରାନ୍ତରେ ସେ କରିଥିବା କେତେକ ଭବିଷ୍ୟବାଣୀ ନିଶ୍ଚିତ ରୂପେ ପୂର୍ଣ୍ଣ ହେବ । ଅଲ୍ଲାଃ ସୀମାଲଙ୍ଘନକାରୀ ଓ ମିଥ୍ୟାବାଦୀକୁ କଦାପି କୃତକାର୍ଯ୍ୟ କରନ୍ତି ନାହିଁ । ବର୍ତ୍ତମାନ ଏହି ମାନଦଣ୍ଡ

ଦୃଷ୍ଟିରୁ ଯାହା ପରମେଶ୍ୱରଙ୍କ ବାଣୀରେ ଅଛି ମୋତେ ଓ ମୋ ଦାବିକୁ ପରଖି ନିଅ । କ'ଣ ଏହା ସତ୍ୟ ନୁହେଁ ଯେ, ଏହି ମୌଲବୀଗଣ ମୋତେ ଧ୍ୱଂସ କରିବା ପାଇଁ କୌଣସି ପ୍ରକାରର ପ୍ରୟାସ ଛାଡ଼ି ନାହାନ୍ତି । ଅବିଶ୍ୱାସନାମା ପ୍ରସ୍ତୁତ କରି ତାଙ୍କର ପାଦ ଘଷି ଯାଇଛି । ଗାଳି ଗୁଲଜର ବିଜ୍ଞାପନ ପ୍ରକାଶିତ କରି କରି ଶିଯ୍ୟା (ଗୋଷ୍ଠୀର) ଲୋକମାନଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି । ମୋ ବିରୁଦ୍ଧରେ ହତ୍ୟାର ମିଥ୍ୟା ମକଦ୍ଦମା ଲଗାଯାଇ ଥିଲା । ପୁଣି ଅନେକ ଥର ଅପରାଧୀକ ମିଥ୍ୟା ଅଭିଯୋଗ ହେତୁ ମୋତେ ଅଦାଲତ୍‌ର ଦ୍ୱାରସ୍ଥ ହେବାକୁ ପଡ଼ିଥିଲା । ମୋ ନିକଟକୁ ଆସୁଥିବା ଲୋକମାନଙ୍କ ଉପରେ ଏପରି ନିଷ୍ଠୁର ଆଚରଣ କରାଯାଇଥିଲା, ଯାହା ସାହାବା (ପବିତ୍ର ସହଚର)ମାନଙ୍କ ସଦୃଶ ଯେପରିକି ସେହି ମକ୍କାର ରହଣୀ କାଳରେ ସେମାନଙ୍କୁ ଏପରି ଅପମାନ, ତିରସ୍କାର ଓ ଦୁଃଖ ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିଥିଲା, ଯାହାର କୌଣସି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ମୋର ଅନ୍ୟ ଦେଶରେ ଥିବା ସମ୍ପର୍କୀୟ ଲୋକଙ୍କୁ ସେହି ଦେଶରେ ହତ୍ୟା କରାଯାଇଥିଲା । ବସ୍ତୁତଃ ଏକଥା କୌଣସି ବ୍ୟକ୍ତି ଅସ୍ୱୀକାର କରିପାରିବ ନାହିଁ, ଯେ ମୋତେ ବିନାଶ କରିବାକୁ ଓ ଲୋକମାନଙ୍କୁ ମୋ ପାଖକୁ ଆସିବାରୁ ବିରତ ରଖିବା ପାଇଁ ନଖ ପର୍ଯ୍ୟନ୍ତ ଅର୍ଥାତ୍ କଳେବଳେ କୌଶଳେ ଚେଷ୍ଟା କରାଯାଇଥିଲା ତଥା କୌଣସି ପ୍ରକାର ଉଦ୍ୟମ କରିବାକୁ ହାତଛଡ଼ା କରି ନଥିଲେ । ଏପରିକି ଭଳିକି ଭଳି ନିର୍ଲଜ୍ଜ କାର୍ଯ୍ୟ ସେହି ମୌଲବୀମାନେ କରିବାକୁ ମଧ୍ୟ ପଛାଇ ନଥିଲେ । ମୋ ପଛରେ ମିଥ୍ୟା ଗୋଇନ୍ଦାଗିରି ମଧ୍ୟ କରାଗଲା ଓ ବିନା କାରଣରେ ସରକାରଙ୍କୁ ମୋ ବିରୁଦ୍ଧରେ ଅବାସ୍ତବିକ ଘଟଣା ଦ୍ୱାରା ଉତ୍ତେଜିତ କରାଯାଇଥିଲା । କିନ୍ତୁ କ'ଣ ଆପଣଙ୍କୁ ଜଣାଅଛି ତା'ର ପରିଣାମ କ'ଣ ହେଲା ? ଏତିକି ଯେ, ମୁଁ ଉତ୍ତରୋତ୍ତର ଆହୁରି ଉନ୍ନତି କରିଚାଲିଲି । ଯେତେବେଳେ ଏହି ଲୋକମାନେ ମୋର ଅବମାନନା ଓ ଅସ୍ୱୀକାର ପାଇଁ ଠିଆ ହୋଇଥିଲେ ଏବଂ ସ୍ୱୟଂ ଭବିଷ୍ୟବାଣୀ କରିଥିଲେ, ଯେ ଆମ୍ଭେ ଏହି ବ୍ୟକ୍ତିକୁ ଅତିଶୀଘ୍ର ତଳିତଳାନ୍ତ କରି ନିପାତ କରିଦେବୁ ।

ସେହି ସମୟରେ ମୋ ସହିତ କୌଣସି ବଡ଼ ଜମାଅତ ନଥିଲା । କିନ୍ତୁ କିଛି ଲୋକ ଥିଲେ ଯାହାଙ୍କୁ ଆଙ୍ଗୁଳିରେ ଗଣି ହେଉଥିଲା । ବରଂ 'ବରାହିନେ ଅହେମଦିୟା' ଯୁଗରୁ ଯେଉଁ ସମୟରେ ସେହି ପୁସ୍ତକ ମୁଦ୍ରଣ ହେଉଥିଲା ମୁଁ କେବଳ ଏକାକୀ ଥିଲି । କେଉଁ ବ୍ୟକ୍ତି ଏହା ପ୍ରମାଣିତ କରିପାରିବ ଯେ, ସେହି ସମୟରେ ମୋ ସହିତ କୌଣସି ଜଣେ ହେଲେ ବ୍ୟକ୍ତି ମଧ୍ୟ ଥିଲା । ଯେଉଁ ସମୟରେ ଈଶ୍ୱର ପଚାଶରୁ ଊର୍ଦ୍ଧ୍ୱ ଭବିଷ୍ୟବାଣୀ ମାଧ୍ୟମରେ ମୋତେ ସୂଚନା

ଦେଇଥିଲେ, ଯେ ବର୍ତ୍ତମାନ ତୁମେ ଏକାକୀ ଅଛ କିନ୍ତୁ ସେହି ସମୟ ଆସୁଅଛି ଯେତେବେଳେ ତୁମ ସହିତ ଏକ ଜଗତ ଯୋଡ଼ି ହୋଇଯିବ । ପୁନର୍ବାର ସେହି ସମୟ ଆସୁଅଛି, ତୁମ୍ଭର ଏପରି ସମୃଦ୍ଧି ହେବ ଯେ, ରାଜା ମହାରାଜାମାନେ ତୁମ ବସ୍ତ୍ରରୁ କଲ୍ୟାଣ ଅନ୍ୱେଷଣ କରିବାକୁ ଚାହିଁବେ । କାରଣ ତୁମ୍ଭକୁ ଆଶିଷ ଓ କଲ୍ୟାଣ ପ୍ରଦାନ କରାଯିବ । ପରମେଶ୍ୱର ପବିତ୍ର, ଯାହା ଚାହାନ୍ତି ତାହା କରନ୍ତି । ସେ ତୁମର ଧର୍ମ ଓ ସମ୍ପ୍ରଦାୟକୁ ପ୍ରସାରିତ କରିବେ ଏବଂ ସେଥିରେ ସମୃଦ୍ଧି ପ୍ରଦାନ କରିଦେବେ ତଥା ତାହାର ମର୍ଯ୍ୟାଦା ସମଗ୍ର ପୃଥିବୀରେ ସ୍ଥାପିତ କରିଦେବେ । ସେହି ସମୟ ଯେପର୍ଯ୍ୟନ୍ତ ସେମାନେ ନିଜ ପ୍ରତିଜ୍ଞା ଉପରେ ପ୍ରତିଷ୍ଠିତ ହୋଇ ରହିବେ । ସମ୍ପ୍ରତି ଦେଖିନିଅ ଯେ 'ବରାହିନେ ଅହେମଦିୟା'ରେ ସେହି ଭବିଷ୍ୟବାଣୀ ଯାହାର ଅନୁବାଦ ଲେଖାଯାଇଛି, ତାହା ଏପରି ସମୟରେ ଥିଲା ଯେତେବେଳେ ମୋ ସହିତ ସମ୍ପୂର୍ଣ୍ଣ ଧରା ପୃଷ୍ଠରେ କେହି ଜଣେ ହେଲେ ମଧ୍ୟ ବ୍ୟକ୍ତି ନଥିଲେ । ସେତେବେଳେ ପରାକ୍ରମୀ ପରମେଶ୍ୱର ମୋତେ ଏହି ଦୁଆ (ପ୍ରାର୍ଥନା) ଶିଖାଇ ଥିଲେ- رَبِّ لَا تَذَرْنِيْ فَرْدًا وَّاَنْتَ خَيْرُ الْوٰرِثِيْنَ

ରବ୍‌ବି ଲାତଜରନୀ ଫରଦଉଁ ୱ ଅନ୍ତା ଖୈରୁଲ୍ ୱାରିସିନ୍ (ଅମ୍ବିଆ 21:90) ଅର୍ଥାତ୍ ହେ ମୋର ପାଳନକର୍ତ୍ତା ! ମୋତେ ଏକାକୀ ଛାଡ଼ ନାହିଁ, ଏବଂ ତୁମ୍ଭେ ହିଁ ସର୍ବୋତ୍ତମ ଉତ୍ତରାଧିକାରୀ । ଏହି ଐଶୀ ପ୍ରକଟିତ ପ୍ରାର୍ଥନା 'ବରାହିନେ ଅହେମଦିୟା'ରେ ଉଲ୍ଲେଖ ରହିଛି । ଏବେ ସେହି ସମୟ ପାଇଁ 'ବରାହିନେ ଅହେମଦିୟା' ନିଜେ ସାକ୍ଷୀ ଦେଉଛି ଯେ, ମୁଁ ସେହି ସମୟରେ ଜଣେ ଅଜ୍ଞାତ ବ୍ୟକ୍ତି ଥିଲି । କିନ୍ତୁ ଆଜି ଶତ୍ରୁଙ୍କର (ସମସ୍ତ ପ୍ରକାରର) ବିରୋଧାତ୍ମକ ପ୍ରୟାସ ସତ୍ତ୍ୱେ ମୋ ସମ୍ପ୍ରଦାୟରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ସ୍ଥାନରେ ରହିଛନ୍ତି । ସୁତରାଂ କ'ଣ ଏହା ଚମତ୍କାର ନୁହେଁ, ଯେ ମୋର ବିରୋଧ କରିବା ପାଇଁ ଓ ମୋତେ ନୀଚ କରି ଦେଖାଇବା ପାଇଁ ସମସ୍ତ ପ୍ରକାରର ପ୍ରତାରଣାର ଜାଲ ବିଛାଗଲା, ଚକ୍ରାନ୍ତ କରାଯାଇଥିଲା । କିନ୍ତୁ ଏହି ସମସ୍ତ ମୌଲବୀ ଓ ତାଙ୍କର ଛୋଟବଡ଼ ସାଥୀମାନେ ସମସ୍ତେ ଏଥିରେ ଅସଫଳ ରହିଲେ । ଯଦି ଏହା ଚମତ୍କାର ନୁହେଁ ତେବେ ନଦୱାର ଭଦ୍ରାମିର ଖୋଳପା ପରିଧାନ କରିଥିବା (ବିଦ୍ୱାନ) ବ୍ୟକ୍ତିମାନେ ହିଁ ବର୍ଣ୍ଣନା କରନ୍ତୁ ଯେ, ଚମତ୍କାରର ପରିଭାଷା ଆଉ କ'ଣ ହୋଇପାରେ ? ଯଦି ମୁଁ ଚମତ୍କାର ପ୍ରଦର୍ଶନକାରୀ ନୁହେଁ ତ (ମୁଁ) ଜଣେ ମିଥ୍ୟାବାଦୀ । ଯଦି କୁରଆନରୁ ମରିୟମ୍‌ଙ୍କ ପୁତ୍ରର ମୃତ୍ୟୁ ପ୍ରମାଣିତ ହୋଇ ନାହିଁ, ତା'ହେଲେ ମୁଁ ମିଥ୍ୟାବାଦୀ । ଯଦି ହଦିସ୍ ମେରାଜ୍ (ଆଧ୍ୟାତ୍ମିକ ଯାତ୍ରା)ରେ

ମରିୟମ୍‌ଙ୍କ ପୁତ୍ରକୁ ମୃତ ଆତ୍ମାମାନଙ୍କ ସହିତ ବସାଇ ନଦେଇଛି ତେବେ ମୁଁ ମିଥ୍ୟାବାଦୀ । ଯଦି ପବିତ୍ର କୁରଆନର ସୁରଃ ନୁର୍‌ରେ ଏହା ବର୍ଣ୍ଣନା କରାଯାଇ ନାହିଁ ଯେ, ଏହି ସମ୍ପ୍ରଦାୟର ଉତ୍ତରାଧିକାରୀ ଏହି ସମ୍ପ୍ରଦାୟରୁ ହିଁ ହେବେ, ତା'ହେଲେ ମୁଁ ମିଥ୍ୟାବାଦୀ । ଯଦି ପବିତ୍ର କୁରଆନ ମୋ ନାମ ମରିୟମଙ୍କ ପୁତ୍ର (ଇସା) ରଖି ନାହିଁ ତେବେ ମୁଁ ମିଥ୍ୟାବାଦୀ । ହେ ମର୍ତ୍ତ୍ୟର ମଣିଷ ! ସାବଧାନ ହୋଇଯାଅ ଓ ସ୍ମରଣ କର ଯେ, ଏହା ଠାରୁ ବଳି ଚମତ୍କାର ଆଉ କ'ଣ ହୋଇପାରେ ? ଯେ ବିରୋଧୀମାନଙ୍କ ଏତେ ଯୁଦ୍ଧ ଓ ସଂଘର୍ଷ ପୂର୍ଣ୍ଣ (ଶତ ଚେଷ୍ଟା) ସତ୍ତ୍ୱେ ପରିଶେଷରେ 'ବରାହିନେ ଅହେମଦିୟା'ର ସେହି ଭବିଷ୍ୟବାଣୀ ସତ୍ୟ ସାବ୍ୟସ୍ତ ହେଲା, ଯାହାକି ଆଜି ଠାରୁ ୨୨ବର୍ଷ ପୂର୍ବେ କରାଯାଇଥିଲା । ତୁମ୍ଭେ ଏହା ପ୍ରମାଣିତ କରିପାରିବ ନାହିଁ ଯେ, ସେହି ସମୟରେ କୌଣସି ଜଣେ ହେଲେ ବ୍ୟକ୍ତି ବିଶେଷ ମୋ ସହିତ ଥିଲା । କିନ୍ତୁ ବର୍ତ୍ତମାନ ସମୟରେ ଯଦି ମୋର ଅନୁଗାମୀମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ର ବସବାସ କରିବା ପାଇଁ ଛାଡ଼ି ଦିଆଯାଏ ତେବେ ମୁଁ ବିଶ୍ୱାସ କରୁଛି କି ସେହି ସହର ଅମୃତସର ଠାରୁ ବଡ଼ ହେବ । ଯଦିଚ 'ବରାହିନେ ଅହେମଦିୟା' ପୁସ୍ତକ ରଚନା କାଳରେ ଯେଉଁ ସମୟରେ ଭବିଷ୍ୟବାଣୀ କରାଯାଇଥିଲା ମୁଁ ଏକାକୀ ଥିଲି । ପୁନର୍ବାର ଯଦି ମୌଲବୀମାନଙ୍କ ପ୍ରତିରୋଧ ମଝିରେ ହୋଇ ନଥାନ୍ତା, ତେବେ 'ବରାହିନେ ଅହେମଦିୟା'ର ଭବିଷ୍ୟବାଣୀରେ ଦୁଇ ତରଫା ରଙ୍ଗ ଚଢ଼ି ନଥାନ୍ତା । କିନ୍ତୁ ବର୍ତ୍ତମାନ ମୌଲବୀ ଓ ତାଙ୍କ ଅନୁଗାମୀ ଲୋକମାନଙ୍କର ବିରୁଦ୍ଧାତ୍ମକ ଚେଷ୍ଟା ଏହି ସମ୍ମାନ ଉପରେ ଦୁଇ ତରଫା ରଙ୍ଗ ଚଢ଼ାଇଛି ।

ଏବଂ ଏହା ପରିବର୍ତ୍ତେ ଏହି ପ୍ରସଙ୍ଗ ଅନୁଯାୟୀ- وَاِنۡ یَّکُ کَاذِبًا فَعَلَیۡہِ کَذِبُہٗ ଓ୍ୱଇଁୟକୁ କାଜିବନ୍ ଫଆଲୈହି କଜିବୁହୁ (ମୁମିନ୍ 40:29) ଅର୍ଥାତ୍ ଯଦି ସେ ମିଥ୍ୟାବାଦୀ ହୋଇଥାଏ ତେବେ ତାହାର ମିଥ୍ୟାର ବୋଝ ତାହାରି ଉପରେ ପଡିବ । ମୋତେ କେବଳ ସତ୍ୟବାଦୀ ହୋଇଥିବାରୁ ଏହି ଆୟତରେ ଧାର୍ଯ୍ୟ ଲକ୍ଷଣ ଦ୍ୱାରା ଦୋଷମୁକ୍ତ କରିଦିଆ ଯାଇଥା'ନ୍ତା । ବର୍ତ୍ତମାନ ଏହା ପରିବର୍ତ୍ତେ 'ବରାହିନେ ଅହେମଦିୟା'ର ସେହି ମାହାନ ଭବିଷ୍ୟବାଣୀ ଯାହା ଆଜି ଠାରୁ କୋଡ଼ିଏ ବାଇଶ ବର୍ଷ ପୂର୍ବେ ବିଶ୍ୱରେ ପ୍ରକାଶିତ ହୋଇଥିଲା, ତାହା ପୂରଣ ହୋଇଗଲା ଏବଂ ହଜାର ହଜାର କୃପା ପ୍ରାପ୍ତକାରୀ ଓ ଉତ୍କର୍ଷଧାରୀ ବ୍ୟକ୍ତି ମୋର ଅନୁଗାମୀ ହୋଇଗଲେ । ବର୍ତ୍ତମାନ ଏହି ଆୟତର ଦ୍ୱିତୀୟ ଭାଗକୁ ଦେଖ ।

وَاِنۡ یَّکُ صَادِقًا یُّصِبۡکُمۡ بَعۡضُ الَّذِیۡ یَعِدُکُمۡ

ଓ୍ୱଇଁୟ୍କୁ ସାଦିକଇଁ ୟୁସିବ୍‌କୁମ୍ ବାଜୁଲ୍ ଲଜିୟ୍ଇଦୁକୁମ୍ (ମୁମିନ୍ 40:29) ଏବଂ ଯଦି ସେ ସତ୍ୟବାଦୀ ହୋଇଥାଏ ତେବେ ତୁମମାନଙ୍କ ସଂକ୍ରାନ୍ତରେ ସେ କରିଥିବା କେତେକ ଭୟପ୍ରଦ ଭବିଷ୍ୟବାଣୀ ନିଶ୍ଚିତ ରୂପେ ପୂର୍ଣ୍ଣ ହେବ । ଏହି ମାନଦଣ୍ଡ ମଧ୍ୟ ଏକ ଚମତ୍କାର ରଙ୍ଗରେ ପୂରଣ ହେଲା । ଈଶ୍ୱର ମୋତେ ସମ୍ବୋଧିତ କରି କହିଲେ; **إِنِّي مُهِينٌ مَنْ أَرَادَ إِهَانَتَكَ** ଇନ୍ନି ମୁହିନୁ ମନ୍ ଅରାଦା ଇହାନତକା

ଅର୍ଥାତ ପ୍ରତ୍ୟେକ ବ୍ୟକ୍ତି ଯିଏ ତୋର ଅପମାନ କରିବ ସେ ସେପର୍ଯ୍ୟନ୍ତ ସୁଦ୍ଧା ମୃତ୍ୟୁବରଣ କରିବ ନାହିଁ ଯେପର୍ଯ୍ୟନ୍ତ ନିଜ ଅପମାନ ସ୍ୱଚକ୍ଷୁରେ ଦେଖି ନନେବ । ଏବେ ମୌଲବୀମାନଙ୍କୁ ପଚାରି ବୁଝିନିଅ ଯେ, ମୋ ମୁକାବିଲା ପାଇଁ ଈଶ୍ୱରଙ୍କ ଆଦେଶ ଅନୁଯାୟୀ କୌଣସି ପ୍ରକାର ଅପମାନ ମଧ୍ୟ ଦେଖିଛନ୍ତି ନା ନାହିଁ । ବର୍ତ୍ତମାନ ମୋତେ ଅପମାନ କରୁଥିବା ବ୍ୟକ୍ତି କେହି ଜଣେ କହିପାରିବ ଯେ ପବିତ୍ର କୁରାଆନର ଏହି ଭବିଷ୍ୟବାଣୀ ଯାହାକି ୟୁସିବ୍‌କୁମ୍ ବାଜୁଲ୍ ଲଜି ୟ୍ଇଦୁକୁମ୍‌ରେ ରହିଛି ମୋ ସମର୍ଥନରେ ପ୍ରକାଶ୍ୟ ହୋଇ ନାହିଁ କି ? ବରଂ କୁରଆନ ଶରିଫ୍ ବାଜ୍ ଶବ୍ଦରେ ଏହା ଦର୍ଶାଇଛି ଯେ ଓ୍ୱଇଦ୍ (ଦଣ୍ଡ ଦେବା) ସମ୍ପର୍କରେ ଭବିଷ୍ୟବାଣୀ ପାଇଁ ବାଜ୍‌ର ନମୁନା ଯଥେଷ୍ଟ ଓ ଏହି ସ୍ଥଳେ ନମୁନା କମ୍ ପରିମାଣରେ ନାହିଁ । କ'ଣ ଏହି ସ୍ଥଳେ ବିରୋଧୀମାନଙ୍କର ଏଥିରେ କମ୍ ଅପମାନ ହୋଇ ନାହିଁ, ଯେ ଗୁଲାମ ଦସ୍ତଗୀର ନିଜ ପୁସ୍ତକ 'ଫତାହ୍ ରହେମାନ୍'ରେ ଅର୍ଥାତ ପୃଷ୍ଠା ସଂଖ୍ୟା ୨୭ରେ ମୋ ପାଇଁ ସାମାନ୍ୟ ଶବ୍ଦରେ ଅମଙ୍ଗଳ ଓ ଅନିଷ୍ଟ କାମନା କରି ଅର୍ଥାତ୍ ଉଭୟ ପକ୍ଷରୁ ମିଥ୍ୟାବାଦୀ ପାଇଁ ମନ୍ଦ ପ୍ରାର୍ଥନା କରି ନିଜେ ହିଁ କିଛିଦିନ ଭିତରେ ମରିଗଲା ।★ ମୁହମ୍ମଦ ହସନ୍ ମଧ୍ୟ ନିଜ ଲେଖାରେ **لعنت الله على الكاذبين** 'ଲାନତୁଲ୍ଲାହି ଅଲଲ୍ କାଜିବିନ୍' (ମିଥ୍ୟାବାଦୀ ଉପରେ ଈଶ୍ୱରଙ୍କର ଅଭିଶାପ ପଡୁ)ର ଶବ୍ଦ ମୋ ମୁକାବିଲା ପାଇଁ କହିଲା । ସେହି ପୁସ୍ତକ ସମ୍ପୂର୍ଣ୍ଣ କରିବା ପୂର୍ବରୁ କଠୋର ଶାସ୍ତିରେ ମଲା । ପିର୍ ମେହର୍ ଅଲୀ ମଧ୍ୟ ମୋ ମୁକାବିଲା ପାଇଁ ନିଜ ପୁସ୍ତକରେ 'ଲାନତୁଲ୍ଲାହି ଅଲଲ୍ କାଜିବିନ୍' କହିବା ଯୋଗୁଁ ତୁରନ୍ତ ଚୋରୀ ଅପରାଧରେ ଏପରି ଗିରଫ ହେଲା ଯେ, ସେ✵ ମୁହମ୍ମଦ ହସନ୍ ମୁର୍ଦାଙ୍କ ସମ୍ପୂର୍ଣ୍ଣ ପୁସ୍ତକ ଚୋରୀ କରି

★ ଦେଖ କ'ଣ ଏହା ଚମତ୍କାର ନୁହେଁ ଯେ, ଯେଉଁ ମୌଲବୀ ମକ୍କାରୁ କିଛି ଅଜ୍ଞ ମୁଲ୍ଲାମାନଙ୍କ ଠାରୁ ମୋ ବିରୁଦ୍ଧରେ ଫତଓ୍ୱା ଏ କୁଫର୍ ଲେଖାଇ ଆଣିଥିଲା । ସେ ମୁବାହିଲା (ଉଭୟ ପକ୍ଷ ମିଥ୍ୟାବାଦୀ ପାଇଁ ଅନିଷ୍ଟ ପ୍ରାର୍ଥନା) କରି ନିଜେ ହିଁ ମରିଗଲା ।

✵ ମେହର୍ ଅଲୀ ଓ ମୁହମ୍ମଦ ହସନ୍ ମୁର୍ଦାର ସମାଲୋଚନା ଉପରେ ଭରସା

କହିଲା ଯେ, ମୁଁ ଏହା ପ୍ରସ୍ତୁତ କରିଛି ଓ ତାହାର ନାମ "ସୈଫେ ଚିସ୍ତିୟାଇ" ରଖିଥିଲା । ପୁଣି ତୃତୀୟ ସଙ୍କଟ ଏହା ହୋଇଥିଲା ଯେ, ମୁହମ୍ମଦ ହସନ୍ ମୁର୍ଦାର ଯେପରି ମୋ 'ଏଜାଯୁଲ୍ ମସିହ୍' ପୁସ୍ତକ ଉପରେ ଜରାହ୍ (ସତ୍ୟ ଜାଣିବା ପାଇଁ ଜେରା) କରିଥିଲା, ସେହି ସମ୍ପୂର୍ଣ୍ଣ ଜରାହ୍ ମିଥ୍ୟା ପ୍ରମାଣିତ ହୋଇଥିଲା । ସେ ତାହା ଦ୍ୱିତୀୟ ଥର ଦେଖିବା ପୂର୍ବରୁ ହିଁ ମରିଗଲା । ସେହି ନିର୍ବୋଧ ଆରବୀ ଭାଷା ଠାରୁ ବଞ୍ଚିତ, ସେ ଏହି ଜରାହ୍‌କୁ ସତ୍ୟ ମାନିନେଲା । ଏବେ କୁହ କ'ଣ ଏହା ଏକ ପ୍ରକାର ମୃତ୍ୟୁ କି ନାହିଁ, ଯେ ପୁସ୍ତକର ପାଣ୍ଡୁଲିପି ଚୋରୀ କଲା ଓ ସେହି ଚୋରୀ ଧରା ପଡିଲା । ପୁନର୍ବାର ପୀଠାସୀନ ହୋଇ ଖୋଲାଖୋଲି ମିଥ୍ୟା କହିଲେ ଯେ, ଏହି ପୁସ୍ତକଟିକୁ ମୁଁ ପ୍ରସ୍ତୁତ କରିଛି ଏବଂ ଯାହାକିଛି ଚୋରୀ କରାଗଲା ଏହା ଏପରି ଭୁଲ ଥିଲା ଯେପରିକି ନଜାସତ୍ (କଳୁଷତାରେ) ପୂର୍ଣ୍ଣ । କ'ଣ ଏହି ଶାସ୍ତିରୁ ନର୍କର ଶାସ୍ତି ଅଧିକ ହେବ ?*

କରି ଏହି ଦୋଷାରୋପ ମୋ ଉପରେ କରିଥିଲେ ଯେ, ଆରବର କିଛି ପ୍ରସିଦ୍ଧ କିମ୍ବା ବାକ୍ୟାଂଶଗୁଡ଼ିକ ଯାହା "ମୁକାମାତେ ହରିରୀ" ଇତ୍ୟାଦି ମଧ୍ୟ କପି (ନକଲ) କରିଛନ୍ତି ତାହା ଉଦ୍ଧୃତ ସ୍ୱରୂପ ମୋ ପୁସ୍ତକରେ ମଧ୍ୟ ଉଲ୍ଲେଖ ରହିଛି । ଯାହାକି ଦୁଇ ତିନି ଧାଡିରୁ ଅଧିକ ନୁହେଁ । ତାହା ସତେ ଯେପରି ଏହି ମୂର୍ଖଙ୍କ ଦୃଷ୍ଟିରେ ଚୋରୀ, ସେଥିପାଇଁ ସେହି ସମୟରେ ଆବଶ୍ୟକ ଥିଲା ଯେ ସେହି ଭବିଷ୍ୟବାଣୀ ନିଜର ମୁହଁ ଦେଖାଇ ଥାନ୍ତା ଯେ "ଇନ୍ନି ମୁହିନୁ ମନ୍ ଅରାଦା ଇହାନତକା" (ପ୍ରତ୍ୟେକ ବ୍ୟକ୍ତି ଯିଏ ତୋର ଅପମାନ କରିବ ସେ ସେପର୍ଯ୍ୟନ୍ତ ସୁଦ୍ଧା ମୃତ୍ୟୁବରଣ କରିବ ନାହିଁ ଯେପର୍ଯ୍ୟନ୍ତ ନିଜ ତିରସ୍କାର ସ୍ୱଚକ୍ଷୁରେ ଦେଖି ନନେବ) ତେଣୁ ସେ ପୁରାପୁରି ଗୋଟିଏ ପୁସ୍ତକର ଚୋର ପ୍ରମାଣିତ ହେଲା ଓ ମିଛ କହିଲା ତଥା ମିଥ୍ୟା ସମାଲୋଚନାର ଶରବ୍ୟ ହେଲା । ସେ ସଚେତନ ହୋଇପାରିଲା ନାହିଁ ଯେ, ଏହା ଭୁଲ୍ । ଏତାଦୃଶ ସେ ତିନୋଟି ଜଘନ୍ୟ ଅପରାଧରେ ଧରା ପଡିଲା । କ'ଣ ଏହା ଚମତ୍କାର ନୁହେଁ । (ସେଥିରୁ)

* ମେହର୍ ଅଲୀଙ୍କର ଏହି ଚୋରୀ ଓ ଅଜ୍ଞାନତା ହେତୁ ସେହି ତ୍ରୁଟି ଉପରେ ଭରସା କରିବା ତଥା ମୂର୍ଖାମି ଦ୍ୱାରା ମରିୟମ୍ ପୁତ୍ରକୁ ଜୀବିତ ଦର୍ଶାଇବା ଇତ୍ୟାଦି ଅନେକ କାର୍ଯ୍ୟ ଯାହାକି ମୂର୍ଖାମି ଓ ଅଜ୍ଞାନତା ହେତୁ ତା' ଦ୍ୱାରା ସମ୍ପାଦିତ ହେଲା । ଏଥି ସମ୍ବନ୍ଧରେ ମୋ ପକ୍ଷରୁ ଏକ ବଳିଷ୍ଠ ପୁସ୍ତକ ଲେଖା ଯାଉଛି, ଯାହାର ନାମ "ନୁଜୁଲୁଲ୍ ମସିହ" । ଏହା ଫଳରେ 'ତଂବୁର ଚିସ୍ତିୟାଇ' ଖଣ୍ଡ ଖଣ୍ଡ ହୋଇ ସେଥିରେ କେବଳ ଧୂଳୀ ଧୂସର ରହିଯିବ । ଯାହା ମେହେର ଅଲୀର ଚକ୍ଷୁରେ ପଡିବ ଓ ତା'ର ଜୀବନକୁ ତିକ୍ତ କରିଦେବ । ଏହି ପୁସ୍ତକ ଏକାଦଶ ଖଣ୍ଡ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ସାରିଛି । (ସେଥିରୁ)

ପୁଣି ହାଫିଜ୍ ସାହେବଙ୍କ ସେବାରେ ସଂକ୍ଷିପ୍ତ ବିବରଣୀ ହେଉଛି, ଯେ ମୋ ପ୍ରାୟଶ୍ଚିତ କରିବା ପାଇଁ କେବଳ ଏତିକି ଯଥେଷ୍ଟ ହେବ ନାହିଁ ଯେ, ଅସମ୍ଭବ ରୂପେ କୌଣସି ଦୈବି ପୁସ୍ତକ ନବୀ ହେବାର ଦାବିଦାରଙ୍କ ଠାରୁ ବାହାରି ଆସିବ ଯାହାକୁ ସେ ପବିତ୍ର କୁରଆନ ପରି (ଯେପରିକି ମୋର ଦାବି ରହିବ) ଯାହାର ସାକ୍ଷ୍ୟ ଦେଇ ପରମେଶ୍ୱରଙ୍କ ଓ୍ୱହି (ଐଶୀବାଣୀ) କହୁଥିବ, ଲାରଇବା ଫିହ୍ (ଯେଉଁଥିରେ କୌଣସି ସନ୍ଦେହ ନାହିଁ) । ଯେପରିକି ମୁଁ କହୁଛି ଓ ଏହା ମଧ୍ୟ ପ୍ରମାଣିତ ହୋଇଯିବ ସେ ବିନା କ୍ଷମା ଯାଚନା କରି ମଲା ଏବଂ ମୁସଲମାନମାନେ ନିଜ କବ୍ରସ୍ତାନ (ସ୍ମଶାନ) ରେ ତାକୁ ସମାଧି ଦେଲେ ନାହିଁ । ସେ କୌଣସି ଶାସ୍ତି ପାଇ ମରି ନଥିଲା । କେବଳ ଏତିକିରେ ହିଁ କୌଣସି ନବୀ ହେବାର ଦାବିଦାର ମୋ ନିକଟରେ ଛିଡ଼ା ହୋଇପାରିବ ନାହିଁ । କାରଣ ମୋ ସମର୍ଥନରେ ଚମତ୍କାରୀତା ମଧ୍ୟ ରହିଛି । ଏସବୁ ସହିତ ମୋର ବିଶ୍ୱାସ ଯେ, ଯଦି ହାଫିଜ୍ ସାହେବ ଚେଷ୍ଟା କରି କରି ସଂସାରରୁ ଚାଲିଯାନ୍ତି ଅବା କୌଣସି ଅବୁ ଇସହାକ୍ ମୁହମ୍ମଦିନ୍ ଠାରୁ ଏକ ଅବା ହଜାରେ ପତ୍ରିକା ମଧ୍ୟ 'କତଉଲ ଓ୍ୱତିନ୍'ର ଲେଖାଇ ଆଣନ୍ତି । ଯଦିଓ ଏପରି ବ୍ୟକ୍ତି ନିଜ ପାଇଁ ଆତ୍ମହତ୍ୟାକୁ ପସନ୍ଦ କରି 'କତଉଲ ଓ୍ୱତିନ୍' ହିଁ (ପ୍ରସ୍ତୁତ) କରିନେବ ତଥାପି ହାଫିଜ୍ ସାହେବଙ୍କ ଭାଗ୍ୟରେ ଏହା ହୋଇପାରିବ ନାହିଁ, ଯେଉଁ ପ୍ରକାର ମୁଁ ପ୍ରାୟ ଦୀର୍ଘ ୨୩ବର୍ଷ ହେଲା ନିଜ ଐଶ୍ୱରିକ ବାଣୀକୁ ନିରନ୍ତର ପ୍ରକାଶିତ କରୁଅଛି । ସେହିପରି ସେ ତା'ର ନିରନ୍ତର ୨୩ବର୍ଷର ଐଶ୍ୱରିକ ବାଣୀର ସଂଗ୍ରହକୁ ଉପସ୍ଥାପିତ କରିପାରିବ । ଯାହା ସକାଶେ ସେ ମୋ ପରି ଶପଥ କରି ବର୍ଣ୍ଣନା କରିଥିବ ଯେ, ଏହି ଐଶ୍ୱରିକ ବାଣୀ ନିଶ୍ଚିତ ଓ ନିଧାର୍ଯ୍ୟ ରୂପେ ଈଶ୍ୱରଙ୍କ ବାଣୀ । ଆଉ ଯଦି ମୁଁ ମିଥ୍ୟା କହୁଥିବି ତେବେ ପରମେଶ୍ୱରଙ୍କ ଅଭିଶାପ ମୋ ଉପରେ ହେଉ, ଯେପରିକି ମୁଁ ନିଜ ପୁସ୍ତକରେ ମୋ ପାଇଁ ଏହି ଶବ୍ଦ ବ୍ୟବହାର କରି ସାରିଛି । ଏହା ତ ଏକ ନିମ୍ନ ସ୍ତରର କଥା ଯେ, ମିଥ୍ୟାବାଦୀ ବ୍ୟକ୍ତିଙ୍କ ସହିତ ମୋର ତୁଳନା କରାଯିବ । କିନ୍ତୁ ମୁଁ ତ ଏହା ଠାରୁ ବଢ଼ିକି ନିଜ ସତ୍ୟତାର ପ୍ରମାଣ ରଖିଅଛି, ଯେ ବର୍ତ୍ତମାନ ସୁଦ୍ଧା ହଜାରରୁ ଉର୍ଦ୍ଧ୍ୱ ଚମତ୍କାର ମୋ ସତ୍ୟତା ପାଇଁ ପ୍ରକଟ ହୋଇ ସାରିଛି, ଯାହାର ହଜାରରୁ ଉର୍ଦ୍ଧ୍ୱ ସାକ୍ଷୀ ଅଛନ୍ତି । ଏବଂ ପବିତ୍ର କୁରଆନ ମୋର ସତ୍ୟତା ପ୍ରତିପାଦିତ କରୁଅଛି । କ'ଣ ଏହା ମୋର ଅଧିକାର ନୁହେଁ ଯେ ମୁକାବିଲା ସମୟରେ ଏହି ପ୍ରମାଣଗୁଡ଼ିକୁ ଯାହାକି ଜଣେ ମିଥ୍ୟାବାଦୀ ବ୍ୟକ୍ତି ପ୍ରସ୍ତୁତ କରିଛି, ଆପଣଙ୍କ ଠାରୁ (ସାକ୍ଷ୍ୟ) ତଲବ କରିବି । ଭଲା ମୋତେ ବତାନ୍ତୁ ଯେ, ମୋ ବ୍ୟତୀତ କାହା ପାଇଁ 'ଦାରେ କୁତନି' ହଦିସ୍ ଅନୁସାରେ (ରମଜାନ୍ ମାସରେ) ଚନ୍ଦ୍ର ଓ ସୂର୍ଯ୍ୟ ଗ୍ରହଣ ହୋଇଥିଲା । କାହା

ପାଇଁ ସହି ହଦିସ୍ ଅନୁଯାୟୀ ପ୍ଲେଗ୍ ରୋଗ ପଡିଥିଲା, କାହା ପାଇଁ ଧୂମକେତୁ ବାହାରିଲା, କାହା ପାଇଁ ଲେଖରାମ୍ ଇତ୍ୟାଦିଙ୍କ ନିଦର୍ଶନ ପ୍ରକଟ ହେଲା । କିନ୍ତୁ ଯଦି ନଦ୍‌ୱାତୁଲ୍ ଉମଲା ଯେପରି ନାମ ସେହିପରି ଗୁଣଗାରିମା କରିବାକୁ ଇଚ୍ଛୁକ ତେବେ ବର୍ତ୍ତମାନ ତା'ର ବ୍ୟକ୍ତିଗତ ନିର୍ଦ୍ଦେଶ ପାଇଁ ବରଂ ହାଫିଜ୍ ସାହେବ ସେଥି ମଧ୍ୟରୁ କିଛି ଗ୍ରହଣ କରନ୍ତୁ ଅବା ନାହିଁ, ଏତିକି ଯଥେଷ୍ଟ ହେବ ଯେ ହାଫିଜ୍ ସାହେବଙ୍କ ଠାରୁ ଏପରି ଅବତାରତ୍ୱର ଦାବିଦାରଙ୍କ ପ୍ରମାଣ ଶପଥ ପୂର୍ବକ ମଗାଯାଉ ଯେ, ଯାହାଙ୍କ ମିଥ୍ୟା ଐଶ୍ୱରିକ ବାଣୀ କ୍ରମାଗତ ଭାବରେ ପବିତ୍ର କୁରଆନ ପରି ନିରନ୍ତର ୨୩ବର୍ଷ ପର୍ଯ୍ୟନ୍ତ ଜାରି ରହିଥିଲା । ତାଙ୍କ ଠାରୁ ପ୍ରମାଣ ମଗାଯାଉ ଯେ, ସେମାନେ ରାଣ ଖାଇ ବର୍ଣ୍ଣନା କରନ୍ତୁ ଯେ କେଉଁ ଠାରେ ସେମାନେ ଉଲ୍ଲେଖ କରିଛୁ କି ଆମ୍ଭେ ବାସ୍ତବରେ ନବୀ ଏବଂ ଆମ୍ଭର ଐଶ୍ୱରିକ ବାଣୀ କୁରଆନ ପରି ଅକାଟ୍ୟ ଓ ନିଧାର୍ଯ୍ୟ । ଏହା ମଧ୍ୟ ପ୍ରମାଣ ମଗାଯାଉ ଯେ, କ'ଣ ସେହି ଲୋକମାନେ ସେହି ସମୟରେ ମୌଲବୀମାନଙ୍କ ଫତୱା ଦ୍ୱାରା ଅବମାନନାକାରୀ ହୋଇଥିଲେ ବା ନାହିଁ । ଯଦି ନୁହେଁ ତା'ହେଲେ ତା'ର କାରଣ କ'ଣ ଥିଲା । କ'ଣ ଏପରି ମୌଲବୀ ପାପୀ ଓ ଦୁରାଚାରୀ ଥିଲେ ନା ନାହିଁ, ଯେଉଁମାନେ ଧର୍ମରେ ଏପରି ଅବହେଳା ପ୍ରକଟ କଲେ । ଏହା ମଧ୍ୟ ପ୍ରମାଣ ମଗାଯାଉ ଯେ, ଏପରି ଲୋକମାନେ କେଉଁ କବରରେ ସମାଧି ଦିଆଗଲେ । କ'ଣ ମୁସଲମାନମାନଙ୍କ କବରରେ ଅବା ପୃଥକ ଭାବେ ଏବଂ ଇସଲାମୀୟ ଶାସନରେ✶ ତାଙ୍କର ହତ୍ୟା ହୋଇଥିଲା ବା ଶାନ୍ତିର ସହିତ ସେ ଜୀବନ ଅତିବାହିତ କରିଥିଲେ । ହାଫିଜ୍ ସାହେବଙ୍କ ଠାରୁ ଏହି ପ୍ରମାଣ ତ ମଗାଯାଉ ଓ ପୁଣି ମୋ ଚମତ୍କାର ତଥା କୁରଆନ ଓ ହଦିସ୍‌ର ସ୍ପଷ୍ଟ ଆଦେଶ ଦ୍ୱାରା ଅନ୍ୟ କେତେକ ତର୍କ ସହିତ ପ୍ରମାଣ ମଗାଯିବା ପାଇଁ କେତେକ ମନୋନୀତ ନଦ୍‌ୱାର ପଣ୍ଡିତ କାଦିୟାନ ଆସନ୍ତୁ ଓ ମୋ ଠାରୁ ଚମତ୍କାର ଓ ପ୍ରମାଣ

✶ ଇସଲାମୀୟ ଶାସନରେ ପ୍ରମାଣ ଦେବା ପାଇଁ ଏହା ଯଥେଷ୍ଟ ହେବ ନାହିଁ, ଯେ ଏପରି ବ୍ୟକ୍ତି ଯିଏ ଅବତାରତ୍ୱର ଦାବି କରୁଥିଲା, ମୁସଲମାନମାନଙ୍କ କବ୍ରସ୍ତାନରେ ସମାଧି ଦିଆଗଲା । ଆଉ ନା ତାହାର ଜନାଯାଃ ପାଠ କରା ଯାଇଥିଲା । ବରଂ ଯଥେଷ୍ଟ ପ୍ରମାଣ ପାଇଁ ଏହା ମଧ୍ୟ ପ୍ରମାଣିତ କରିବାକୁ ହେବ ଯେ, ତାଙ୍କୁ ହତ୍ୟା ମଧ୍ୟ କରାଯାଇଥିଲା । କାରଣ ସେ ମୁର୍ତଦ୍ (ବିପଥଗାମୀ) ଥିଲା । କିନ୍ତୁ ଯଦି ହାଫିଜ୍ ସାହେବ ଏହାର ପ୍ରମାଣ ଦେଇଦେବେ, ତା'ହେଲେ ଯେଉଁ କଥା ଠାରୁ (ସେ) ପଳାୟନ କରୁଥିଲେ, ତାହାକୁ ସ୍ୱୀକାର କରିନେବେ । (ସେଥିରୁ)

ଅର୍ଥାତ୍ କୁରଆନ ଓ ହଦିସ୍‌ର ବିଶଦ ଆଦେଶ ଦ୍ୱାରା ପ୍ରମାଣ ପ୍ରାପ୍ତ କରନ୍ତୁ । ପୁଣି ଯଦି ନବୀଙ୍କ ସୁନ୍ନତ (କାର୍ଯ୍ୟପନ୍ଥା) ଅନୁଯାୟୀ ମୁଁ ସମ୍ପୂର୍ଣ୍ଣ ପ୍ରମାଣ ଦେଇ ନପାରିଲି ତେବେ ମୁଁ ସେଥିପାଇଁ ପ୍ରସ୍ତୁତ ଅଛି ଯେ, ମୋ ପୁସ୍ତକଗୁଡ଼ିକୁ ଜାଳି ଦିଆଯାଉ । କିନ୍ତୁ ଏପରି ପରିଶ୍ରମ କରିବା ଗୋଟିଏ ସଚ୍ଚୋଟ ବ୍ୟକ୍ତିର କାର୍ଯ୍ୟ । ନଦ୍‌ଓ୍ୱାବାସୀଙ୍କୁ କ'ଣ ଆବଶ୍ୟକ ଯେ, ଏପରି ମୁଣ୍ଡବ୍ୟଥା କାର୍ଯ୍ୟର ବୋଝ ମୁଣ୍ଡାଇବେ । ଆଉ କେଉଁ ପରକାଳର ଚିନ୍ତା ଯେ, (ସେମାନେ) ପରମେଶ୍ୱରଙ୍କୁ ଭୟ କରିବେ । କିନ୍ତୁ ନଦ୍‌ଓ୍ୱାର ଶିକ୍ଷିତଗଣ ଗୋଟି ଗୋଟି କରି ମନେରଖ ଯେ, ସେମାନେ ସଦାସର୍ବଦା ଏହି ଇହଜଗତରେ ରହିପାରିବେ ନାହିଁ, ମୃତ୍ୟୁ ଡ଼ାକୁଅଛି । ଯେଉଁ ମନୋରଞ୍ଜନରେ ସେମାନେ ନିମର୍ଜ୍ଜିତ, ଯାହାର ନାମ ସେମାନେ ଧର୍ମ ରଖୁଛନ୍ତି । ପରମେଶ୍ୱର ସେସବୁ ଆକାଶ ମାର୍ଗରେ ବସି ଅବଲୋକନ କରୁଛନ୍ତି ଓ ସେ ଏଥିରୁ ଅବଗତ ଯେ ତାହା ଧର୍ମ ନୁହେଁ । ସେ ଗୋଟିଏ ଖୋଳପାକୁ ନେଇ ଖୁଶି ଓ ଆନନ୍ଦ ମୁଖର ଏବଂ ମୂଳ (ସାରତତ୍ତ୍ୱ) ଠାରୁ ଅଜ୍ଞାନ ଅଛନ୍ତି । ଏହା ଇସଲାମ୍ ପାଇଁ ସହାନୁଭୂତି ନୁହେଁ ବରଂ ତାହା ବିପରୀତ କାମନା କରିବା । ଯଦି ତାଙ୍କର ସତ୍ୟତା ଦେଖିବାର ଚକ୍ଷୁ ଥାନ୍ତା ତେବେ ସେମାନେ ଏହା ବୁଝି ପାରିଥା'ନ୍ତେ ଯେ ସଂସାରରେ ଘୋର ପାପ (କାର୍ଯ୍ୟ) ହୋଇଛି ଯେ, ପରମେଶ୍ୱରଙ୍କ ମସିହ (ଯୁଗାବତାର)ଙ୍କ ପ୍ରତ୍ୟାଖ୍ୟାନ କରାଗଲା । ଏଥି ସମ୍ବନ୍ଧରେ ମୃତ୍ୟୁ ପରେ ସମସ୍ତେ ଜାଣିପାରିବେ ଏବଂ ହାଫିଜ୍ ସାହେବ ମୋତେ ଡ଼ରାଉଛନ୍ତି ଯେ, ତୁମ୍ଭେ ଯଦି ଅମୃତସର ନଆସ ତେବେ ନିଜ ଦାବିରେ ସମଗ୍ର ସଂସାରରେ ମିଥ୍ୟାବାଦୀ ସାବ୍ୟସ୍ତ ହେବ । ହେ ହାଫିଜ୍ ସାହେବ ! ଏହି ସଂସାର କାହାର, ପରାକ୍ରମୀ ଓ ପରମପ୍ରତାପୀ ପରମେଶ୍ୱରଙ୍କର ନା ଆପଣଙ୍କର । ଆପଣମାନେ ବର୍ତ୍ତମାନ ବି ମୋତେ ମିଥ୍ୟାବାଦୀ ହିଁ ଚିନ୍ତା କରୁଅଛ । ଏହାପରେ ଆଉ କ'ଣ ଭାବିବା । ଆପଣଙ୍କର ସାଂସାରିକ ଜୀବନର ଆତ୍ମକୁ କ'ଣ ପରୁଆ । ପ୍ରତ୍ୟେକ ବ୍ୟକ୍ତି ମୋ ଅଲ୍ଲାଃଙ୍କ ଚରଣ ତଳେ ନତମସ୍ତକ ରହିଛି ।

ହେ ମନ୍ଦ ଚିନ୍ତାଧାରୀ ହାଫିଜ୍ ଶୁଣିରଖ ! ତତେ କ'ଣ ବା ଜଣା ଯେ, ପରମେଶ୍ୱରଙ୍କ ସମର୍ଥନ ମୋର କେତେ ବିକାଶ ଓ ପ୍ରଗତି କରୁଅଛି । ଇର୍ଷାପରାୟଣ ବ୍ୟକ୍ତି ଯଦି ମରି ବି ଯାଏ ତେବେ ମଧ୍ୟ ଏହି ବିକାଶ ରୋକି ପାରିବ ନାହିଁ । କାରଣ ପ୍ରଭୁଙ୍କ ହସ୍ତରେ ଓ ତାଙ୍କ ଅଙ୍ଗୀକାର ଅନୁଯାୟୀ ଏହା ସମ୍ପନ୍ନ ହେଉଅଛି, ନା କି କୌଣସି ମଣିଷ ହାତରେ ଏହା ଘଟୁଅଛି । ଈଶ୍ୱର ପଞ୍ଜାବ ଓ ହିନ୍ଦୁସ୍ତାନର ସହରଗୁଡ଼ିକୁ ମୋର ଅନୁଗାମୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ କରିଦେଇଛନ୍ତି । ମାତ୍ର କିଛି

ବର୍ଷରେ ହିଁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୋର ଦୀକ୍ଷା ଗ୍ରହଣ କରି ସାରିଲେଣି । କ'ଣ ବର୍ତ୍ତମାନ ଆପଣ ବୁଝିପାରୁ ନାହାନ୍ତି ଯେ, ଆକାଶ ମାର୍ଗରୁ କାହାର ସମର୍ଥନ ହେଉଅଛି । ମୋ ବିଚାରରେ ଅତିକମ୍‌ରେ ଦଶ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ଲେଗ୍ ମହାମାରୀ ହେତୁ ମୋ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ହୋଇ ଗଲେଣି । ଆଉ ମୁଁ ଏହା ବିଶ୍ୱାସ କରୁଛି ଯେ, କିଛିଦିନ ମଧ୍ୟରେ ହିଁ ମୋ ସମ୍ପ୍ରଦାୟ ଦ୍ୱାରା ଧରାପୃଷ୍ଠ ଭରିଯିବ । ହେ ହାଫିଜ୍ ସାହେବ ! କ'ଣ ଆପଣ ସେହି ହାଫିଜ୍ ସାହେବ ନୁହନ୍ତି ଯେ, ବିନା ଅନ୍ୟ ମାଧ୍ୟମରେ କହିଥିଲା; ମୌଲବୀ ଅବ୍ଦୁଲ୍ଲାଃ ସାହେବ ଗଜନବୀ କହୁଥିଲେ, ଯେ କାଦିୟାନ୍‌ରେ ଗୋଟିଏ ଜ୍ୟୋତି ଅବତୀର୍ଣ୍ଣ ହେଲା, ଯାହାଠାରୁ ମୋ ସନ୍ତାନମାନେ ବଞ୍ଚିତ ରହିଗଲେ । ଏହା ବହୁତ ଦୁଃଖଦ ବାର୍ତ୍ତା ଯେ, ଆପଣ କବରରେ ମଧ୍ୟ ଅବ୍ଦୁଲ୍ଲାଃ ସାହେବଙ୍କୁ କଷ୍ଟ ଦେଲେ କ'ଣ ତାଙ୍କ ବାର୍ତ୍ତାର ବିପରୀତ ଏହି ମାର୍ଗ ଆପଣଙ୍କୁ ଅବଲମ୍ବନ କରିବା ଉଚିତ୍ ଥିଲା । ପୁନଶ୍ଚ କ'ଣ ମିୟାଁ ମୁହମ୍ମଦ ୟାକୁବ୍ ଆପଣଙ୍କର ପ୍ରକୃତ ଭାଇ ନୁହେଁ । ତାଙ୍କ ଠାରୁ ମଧ୍ୟ ପଚାରି ବୁଝିଥାନ୍ତୁ, ସେ ତ ପାଖାପାଖି ଦଶବର୍ଷ ହେଲା ଏହି କଥା ଚିତ୍କାର କରି କରୁଛନ୍ତି ଯେ, ତାଙ୍କୁ ମଧ୍ୟ ମୌଲବୀ ଅବ୍ଦୁଲ୍ଲାଃ ସାହେବ ଗଜନବୀ କାଦିୟାନ୍‌ର ହିଁ ଦୃଷ୍ଟାନ୍ତ ଦେଇଥିଲେ ଯେ, ଦିବ୍ୟଜ୍ୟୋତି କାଦିୟାନ୍ ଠାରେ ଅବତୀର୍ଣ୍ଣ ହେବ । ଆଉ ସେ ଗୁଲାମ ଅହେମଦ ଅଟନ୍ତି ଏବଂ ସେ ଖବର ଦେଇଛନ୍ତି ଯେ, ସେ ଏବେ ମଧ୍ୟ ସେହି ସାକ୍ଷ୍ୟ ଉପରେ ପ୍ରତିଷ୍ଠିତ । ତାଙ୍କର ଏହି ବାବଦରେ ଚିଠି ଉପଲବ୍ଧ ରହିଛି । ପୁନଶ୍ଚ ଆପଣ ହାଫିଜ୍ ହେଲା ପରେ ମଧ୍ୟ ବାସ୍ତବିକ ହାଫିଜ୍ ଉପରେ ଭରସା କରୁ ନାହାନ୍ତି । ନିଜ ଜାତିର (ଲୋକଙ୍କ) ଭୟରେ ମିଥ୍ୟା କହୁଛନ୍ତି । ମୁଁ ଚିନ୍ତିତ ଯେ ଅବ୍ଦୁଲ୍ଲାଃ ସାହେବଙ୍କ ଏହା କିପରି ମୁକାଶିଫାତ୍ (ଦିବ୍ୟ ପ୍ରକାଶନ) ଥିଲା, ଯାହା ତାଙ୍କ ସହିତ ସମାଧିରେ ଲୀନ ହୋଇଗଲା । ଆପଣଙ୍କ ପରି ତାଙ୍କର ବହୁତ ବଡ଼ ଉତ୍ତରାଧିକାରୀ ମଧ୍ୟ ତାଙ୍କର ସମ୍ମାନ କଲା ନାହିଁ ।

ଓସ୍‌ସଲାମ୍ ଅଲା ମନିତ୍ ତବା ଅଲ୍‌ହୁଦା

ଲେଖକ : ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ

୪ ଅକ୍ଟୋବର ୧୯୦୨ମସିହା

❖❖❖ ❖❖❖ ❖❖❖

## ସମସ୍ତ ମୁସଲମାନ ଓ ସମସ୍ତ ସତ୍ୟର କ୍ଷୁଧାର୍ତ୍ତ ତଥା ତୃଷାର୍ତ୍ତମାନଙ୍କ ପାଇଁ ଏକ ବଡ଼ ଖୁସିର ଖବର

ହଜରତ ଇସା[ଅ.ସ] ଯାହାଙ୍କ ବିଚକ୍ଷଣ ଜୀବନ ଓ କୁରଆନର ସ୍ୱଷ୍ଟ ଶିକ୍ଷା ବିପରୀତ ଏହି ଜୀବନ ଶରୀର ସହିତ ଆକାଶକୁ ଚାଲିଯିବା ଓ ମୃତ୍ୟୁ ପ୍ରାପ୍ତ ନହେବା ସତ୍ତ୍ୱେ ପୁଣି ମୃତ୍ୟୁ ପ୍ରାପ୍ତ ନବୀମାନଙ୍କ ଆତ୍ମା ସହିତ ପ୍ରବେଶ କରିଯିବା, ଯେଉଁମାନେ ଏକ ପ୍ରକାର ସ୍ୱର୍ଗରେ ପ୍ରବେଶ କରିସାରିଛନ୍ତି । ଏସମସ୍ତ ପ୍ରସଙ୍ଗ ଏପରି କଥା ଯାହା ଏକ ସତ୍ୟ ଧର୍ମ ପାଇଁ ଗୋଟିଏ ଦାଗ ସଦୃଶ ଥିଲା । ପୁଣି ଏକ ଦୀର୍ଘ ସମୟ ପୂର୍ବରୁ ପାଶ୍ଚାତ୍ୟ ଦେଶର ସୃଷ୍ଟି ଉପାସନାକାରୀଙ୍କର ଏକେଶ୍ୱରବାଦ ମୁସଲମାନମାନଙ୍କ ଉପରେ ଏକ ଋଣ (ଭାର) ରହିଥିଲା ଏବଂ ନିର୍ବୋଧ ମୁସଲମାନମାନେ ମଧ୍ୟ ଏହି ଋଣକୁ ସ୍ୱୀକାର କରି ନିଜ ଉପରେ ସୁଧର ଏକ ବଡ଼ ରାଶି (ଭାଗ) ଖ୍ରୀଷ୍ଟିୟାନମାନଙ୍କୁ ବଢ଼ାଇ ଥିଲେ, ଯାହା ଫଳରେ ଲକ୍ଷ ଲକ୍ଷ ମୁସଲମାନ ଏହି ଦେଶ ଭାରତରେ ମୁର୍ତଦ୍ (ବିପଥଗାମୀ)ର ପୋଷାକ ପରିଧାନ କରି ଖ୍ରୀଷ୍ଟିୟାନମାନଙ୍କ ହସ୍ତରେ ବନ୍ଧା ପଡ଼ିଥିଲେ । ଋଣ ଆଦାୟ କରିବାର କୌଣସି ଉପାୟ ଦେଖାଯାଉ ନଥିଲା । ଯେତେବେଳେ ଖ୍ରୀଷ୍ଟିୟାନ କହୁଥିଲେ; ରବ୍‌ବନା ୟସୁ (ଅର୍ଥାତ୍ ଆମ୍ଭର ପାଳନକର୍ତ୍ତା ଯିଶୁ) ଇସା ମସିହ୍ ଆକାଶକୁ ଜୀବନ୍ତ ଶରୀର ସହିତ ଚଢ଼ିଗଲା । ସେ ଈଶ୍ୱର ଥିଲା ତେଣୁ ବଡ଼ ଶକ୍ତି ପ୍ରଦର୍ଶନ କଲା କିନ୍ତୁ ତୁମ୍ଭର ନବୀ ହିଜରତ୍ (ମକ୍କାରୁ ମଦିନା ସ୍ଥାନାନ୍ତର ହେବା) ସମୟରେ ମଦିନା ପର୍ଯ୍ୟନ୍ତ ଉଡ଼ି କରି ମଧ୍ୟ ଯାଇପାରିଲା ନାହିଁ । ବରଂ 'ସୋର' ଗୁମ୍ଫାରେ ତିନିଦିନ ପର୍ଯ୍ୟନ୍ତ ଲୁଚି ରହିଲା । ଶେଷରେ ବଡ଼ କଷ୍ଟରେ ମଦିନା ପର୍ଯ୍ୟନ୍ତ ପହଞ୍ଚିଲା, ପୁଣି ବୟସ ମଧ୍ୟ ସାଥ୍ ଦେଲା ନାହିଁ । ଆଉ ଦଶବର୍ଷ ପରେ ମୃତ୍ୟୁବରଣ କଲା ଏବଂ ବର୍ତ୍ତମାନ ସେ କବରରେ ଅର୍ଥାତ୍ ମାଟି ତଳେ ଅଛି କିନ୍ତୁ "ୟଶୁ ମସିହ୍" ଜୀବନ୍ତ ଆକାଶ ମାର୍ଗରେ ଅଛନ୍ତି । ସେ ଚିରକାଳ ଜୀବିତ ରହିବେ ଓ ସେ ପୁନର୍ବାର ଆକାଶରୁ ଆସି ସଂସାରରେ ନ୍ୟାୟ କରିବେ । ପ୍ରତ୍ୟେକ ଯେ କି ତାକୁ ପରମେଶ୍ୱର ସ୍ୱୀକାର କରେ ନାହିଁ, ସେ ଧରା ପଡ଼ିବ ଓ ଆଗ୍ନିରେ ତାକୁ ପକାଇ ଦିଆଯିବ ।

ଏହାର ଉତ୍ତର ମୁସଲମାନମାନଙ୍କୁ କିଛୁ ଆସୁ ନଥିଲା । ଏଥିରେ ସେମାନେ ବହୁତ ଲଜ୍ଜିତ ଓ ଅପମାନିତ ହେଉଥିଲେ । ବର୍ତ୍ତମାନ ୟଶୁ ମସିହ୍‌ର ଈଶ୍ୱର ହେବାର ବିଷୟ ଖୁବ୍ ଭଲଭାବେ ପ୍ରକଟ ହେଲା । ଆକାଶ ମାର୍ଗକୁ ଚଢ଼ିବାର ସମସ୍ତ ରହସ୍ୟ ପ୍ରକାଶ ପାଇଗଲା । ପ୍ରଥମତଃ ହଜାରରୁ ଉର୍ଦ୍ଧ୍ୱ ଲେଖା ଦ୍ୱାରା ବହୁତ ଏପରି ବୈଦ୍ୟକ ପୁସ୍ତକ ଯାହାକୁ ପୁରାତନ କାଳରେ ରୋମୀ, ୟୁନାନୀ, ଅଗ୍ନିପୂଜକ, ଖ୍ରୀଷ୍ଟିୟାନ ଓ

ସମସ୍ତଙ୍କ ପରେ ମୁସଲମାନମାନେ ମଧ୍ୟ ଏହାର ଅନୁବାଦ କରିଥିଲେ । ଯେଉଁଥିରେ ଗୋଟିଏ ନୁସ୍‌ଖା (ଔଷଧ) ମରହମ-ଏ-ଇସା ଲିଖିତ ରହିଛି ଏବଂ ସେହି ପୁସ୍ତକମାନଙ୍କରେ ବର୍ଣ୍ଣିତ ଅଛି ଯେ, ଏହି ଔଷଧ ହଜରତ ଇସା ଅ.ସଙ୍କ ପାଇଁ ଅର୍ଥାତ ତାଙ୍କୁ ଶୂଳୀ ଦେବା ଦ୍ୱାରା ଆସିଥିବା କ୍ଷତର ଉପଚାର ପାଇଁ ପ୍ରସ୍ତୁତ କରାଯାଇଥିଲା । ତା'ପରେ ହଜରତ ଇସା ଅ.ସଙ୍କ ସମାଧି ମଧ୍ୟ କାଶ୍ମିରରେ ଆବିଷ୍କାର ହେଲା । ପୁଣି ସେଥିଅନ୍ତେ ଆରବୀ ଓ ଫାର୍ସି ଭାଷାରେ ପୁସ୍ତକ ଉଦ୍ଭବ ହୋଇଗଲା । ସେଥିମଧ୍ୟରୁ କିଛି ହଜାର ବର୍ଷ ପୂର୍ବରୁ ଲିଖିତ ଓ ହଜରତ ଇସା ଅ.ସଙ୍କ ମୃତ୍ୟୁର ପ୍ରମାଣ ଦେଉଅଛି ତଥା ତାଙ୍କର ସମାଧି କାଶ୍ମିରରେ ଅଛି ବୋଲି ଦର୍ଶାଉଛି । ପୁଣି ଏସବୁ ପରେ ଯାହା ବର୍ତ୍ତମାନ ଆମ୍ଭକୁ ସୂଚନା ମିଳିଛି ଏହା ଏପରି ଏକ ସୂଚନା, ଯାହାକି ମୁସଲମାନମାନଙ୍କ ପାଇଁ ଈଦ୍‌ର ଦିବସ ସ୍ୱରୂପ ପାଲଟି ଯାଇଛି । ତାହା ହେଉଛି ଯେ ବର୍ତ୍ତମାନ 'ଜେରୁଜେଲମ୍' ପିତରସ୍ ହବାରି (ସହଚର)ର ହସ୍ତାକ୍ଷର ଥିବା ଗୋଟିଏ ଲିଖିତ କାଗଜ ପୁରାତନ ଇବ୍ରାନୀ ଭାଷାରେ ପ୍ରାପ୍ତ ହୋଇଛି, ଯାହାକୁ "କିଶ୍‌ତି ନୁହ୍" ପୁସ୍ତକ ସହିତ ସଂଲଗ୍ନ କରାଯାଇଛି । ଏଥିରୁ ପ୍ରମାଣିତ ହେଉଛି ଯେ, ହଜରତ ଇସା ମସିହ ଶୂଳୀ ଘଟଣାର ପ୍ରାୟ ୫୦ବର୍ଷ ପରେ ଏହି ଭୂମିରେ (ସ୍ୱାଭାବିକ) ମୃତ୍ୟୁ ବରଣ କରିଥିଲେ । ସେହି କାଗଜ ଗୋଟିଏ ଖ୍ରୀଷ୍ଟଧର୍ମୀ କମ୍ପାନୀ ଅଢ଼େଇ ଲକ୍ଷ ଟଙ୍କା ଦେଇ କିଣି ନେଇଛି । ଯେହେତୁ ଏହି ନିଷ୍ପତ୍ତି ହୋଇଯାଇଛି ଯେ, ତାହା ପିତରସ୍‌ର ଲେଖା ଓ ସେଥିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ଏତେଗୁଡ଼ିଏ ପ୍ରମାଣ ଏକତ୍ରିତ ହେବା ସତ୍ତ୍ୱେ ଯାହାକି ଏକ ଜବରଦସ୍ତ ପ୍ରମାଣ ।

ପୁନର୍ବାର ଏହି ନିର୍ବୋଧ ବିଶ୍ୱାସରୁ ଯେ ଇସା ଜୀବିତ ଅଛନ୍ତି (ନିଜକୁ) ନରୋକିବା ଏକ ପ୍ରକାରର ପାଗଳାମି । ସ୍ୱୟଂ ଅନୁଭବ କରିଥିବା ଓ ସ୍ୱଚକ୍ଷୁରେ ଅବଲୋକନ କରିଥିବା ପ୍ରସଙ୍ଗକୁ ଅବମାନନା କରିହୁଏ ନାହିଁ । ସେଥିପାଇଁ ମୁସଲମାନମାନେ ତୁମକୁ ଅଭିନନ୍ଦନ ଯେ, ଆଜି ତୁମ୍ଭମାନଙ୍କ ପାଇଁ ଇଦ୍ (ଖୁସି)ର ଦିନ । ସେହି ପ୍ରଥମ ମିଥ୍ୟା ବିଶ୍ୱାସଗୁଡ଼ିକୁ ଛାଡ଼ିଦିଅ । ଏବେ କୁରଆନର ଶିକ୍ଷା ଅନୁଯାୟୀ ନିଜ ବିଶ୍ୱାସକୁ ଗଢ଼ିନିଅ । ଦ୍ୱିତୀୟ ଥର ପାଇଁ ଏହି ଶେଷ ସାକ୍ଷୀ ହଜରତ ଇସା ମସିହଙ୍କ ସବୁଠାରୁ ବୟୋଜ୍ୟେଷ୍ଠ ଶିଷ୍ୟର ସାକ୍ଷୀ, ସେ ସେହି ଶିଷ୍ୟ ଯେ ନିଜ ଲେଖନୀରେ ଯାହା ଆମ୍ଭକୁ ମିଳିଛି, ନିଜେ ଏହି ସାକ୍ଷୀ ପାଇଁ ଏହି ଶବ୍ଦ ପ୍ରୟୋଗ କରିଛନ୍ତି, ଯେ ମୁଁ ମରିୟମ୍ ପୁତ୍ରର ଜଣେ ସେବକ ତଥା ବର୍ତ୍ତମାନ ମୁଁ ୯୦ବର୍ଷ ବୟସରେ ଏହି ପତ୍ର ଲେଖୁଅଛି । ଯେବେକି ମରିୟମ୍ ପୁତ୍ରର ମୃତ୍ୟୁକୁ ୩ବର୍ଷ ଅତିବାହିତ ହୋଇଯାଇଛି । କିନ୍ତୁ ଇତିହାସରୁ ଏହା ପ୍ରମାଣିତ ଓ ବଡ଼ ବଡ଼ ମସିହ

ପଣ୍ଡିତମାନେ ଏହି କଥାକୁ ସ୍ୱୀକାର କରୁଛନ୍ତି, ଯେ ପିତରସ୍ ଓ ହଜରତ ଇସା ଅ.ସଙ୍କ ଜନ୍ମ ପାଖାପାଖି ସମୟରେ ହୋଇଥିଲା । ଶୂଳୀର ଘଟଣା ସମୟରେ ହଜରତ ଇସା ଅ.ସଙ୍କ ବୟସ ପାଖାପାଖି ୩୩ବର୍ଷ ଓ ହଜରତ ପିତରସ୍ଙ୍କ ବୟସ ସେହି ସମୟରେ ୩୦ରୁ ୪୦ବର୍ଷ ମଧ୍ୟରେ ଥିଲା । (ଦ୍ରଷ୍ଟବ୍ୟ ପୁସ୍ତକ ସମସ ଡ଼ିକ୍ସନାରୀ ଭାଗ ୩ ପୃ- ୨୪୪୭ ଏବଂ ମୋଟି ଟ୍ୟୁଲୀସ ନିୟୁଟେଷ୍ଟାମେଣ୍ଟ ହିଷ୍ଟ୍ରୀ ଓ ଅନ୍ୟାନ୍ୟ ପୁସ୍ତକ) ଏହି ପତ୍ର ବିଷୟରେ ଖ୍ରୀଷ୍ଟ ଧର୍ମର ବୟୋଜ୍ୟେଷ୍ଠ ବିଦ୍ୱାନମାନେ ବହୁତ ଅନୁସନ୍ଧାନ କରି ଏହି ନିଷ୍ପତ୍ତି କରିଥିଲେ, ଯେ ଏହା ନିର୍ଭୁଲ ଓ ଏଥିପାଇଁ ବହୁତ ପ୍ରସନ୍ନତା ବ୍ୟକ୍ତ କରିଥିଲେ । ଯେପରିକି ମୁଁ ଲେଖି ସାରିଛି, ଏପରି ସମ୍ମାନ ପୂର୍ବକ ଏହି ପତ୍ରକୁ ଦୃଷ୍ଟିଗୋଚର କରାଯାଇଛି ଯେ, ଗୋଟିଏ ବଡ଼ ଅର୍ଥରାଶି ସେହି ପବିତ୍ର ପଥଚାରୀଙ୍କ ସନ୍ତାନମାନଙ୍କୁ ପ୍ରଦାନ କରାଯାଇଥିଲା, ଯାହାର ପୁସ୍ତକାଳୟରୁ ତା'ର ମୃତ୍ୟୁ ପରେ ଏହି କାଗଜ ମିଳିଥିଲା । ଆମ୍ଭ ପାଇଁ ଏହି କାଗଜ ସଠିକ୍ ତଥ୍ୟ ଭିତ୍ତିକ ହେବା ପାଇଁ ଗୋଟିଏ ସୁଦୃଢ଼ ପ୍ରମାଣ ଯେ, ଏହି କାଗଜ ଏପରି ଏକ ବ୍ୟକ୍ତିଙ୍କ ପୁସ୍ତକାଳୟରୁ ପ୍ରାପ୍ତ ହୋଇଛି ଯେଉଁ ବ୍ୟକ୍ତି ଜଣେ ରୋମାନ୍ କ୍ୟାଥୋଲିକ୍‌ର ବିଶ୍ୱାସକାରୀ । ସେ ନା କେବଳ ହଜରତ ଇସା ମସିହଙ୍କୁ ପରମେଶ୍ୱର ବୋଲି ସ୍ୱୀକାର କରୁଥିଲା ବରଂ ହଜରତ ମରିୟମ୍ଙ୍କୁ ମଧ୍ୟ ଈଶ୍ୱର ରୂପେ ବିଶ୍ୱାସ କରୁଥିଲା । ଏହି କାଗଜଟିକୁ ସେ କେବଳ ଗୋଟିଏ ପୁରାତନ ଆଶିଷ ରୂପେ ଯତନରେ ରଖିଥିଲା । ଯେହେତୁ ତାହା ପୁରାତନ ଇବ୍ରାନୀ ଭାଷାରେ ଥିଲା ଏବଂ ଲେଖିବାର ଶୈଳୀ ପୁରାତନ ଥିଲା । ସେଥିପାଇଁ ସେ ସେହି ବିଷୟରେ ଅପରିଚିତ ଥିଲା । ଏହା ଏକ ନିଦର୍ଶନ, ଏହା ବ୍ୟତୀତ ଏହି ନବୀନ ସାକ୍ଷୀ ଯାହାକି ହଜରତ ପିତରସ୍ଙ୍କ ପତ୍ରରୁ ବାହାରିଛି । ଇସ୍ରାଇଲୀମାନଙ୍କ ପୂର୍ବପୁରୁଷଙ୍କ ମଧ୍ୟରୁ କିଛି ଗୋଷ୍ଠୀ ନିଜେ ଏହି କଥାକୁ ସ୍ୱୀକାର କରନ୍ତି ଯେ, ହଜରତ ଇସା ଅ.ସଙ୍କ ଶୂଳୀରୁ ଏକ ପ୍ରକାର ମୃତ ସଦୃଶ ସମ୍ପୂର୍ଣ୍ଣ ଚେତାଶୂନ୍ୟ ଅବସ୍ଥାରେ ଓହ୍ଲାଇ ଅଣା ଯାଇଥିଲା । ତିନିଦିନ ଗୋଟିଏ ଗୁମ୍ଫାରେ ରହି ଉପଚାର ଦ୍ୱାରା ସୁସ୍ଥ ହୋଇ (ସେ) ଅନ୍ୟ କେଉଁଆଡ଼େ ଚାଲିଗଲେ, ଯେଉଁଠାରେ ଲମ୍ବା ସମୟ ପର୍ଯ୍ୟନ୍ତ ଜୀବିତ ରହିଲେ । ଏହି ବିଶ୍ୱାସ ଭିତ୍ତିକ ଶିକ୍ଷାର ଇଂଗ୍ରାଜୀ ପୁସ୍ତକମାନଙ୍କରେ ବିସ୍ତାର ରୂପେ ଉଲ୍ଲେଖ ରହିଛି । ଯାହା ମଧ୍ୟରୁ ପୁସ୍ତକ 'ନିୟୁ ଲାଇଫ୍ ଅଫ୍ ଜିଜସ୍'ର ଲେଖକ: ଷ୍ଟ୍ରାସ୍ ଓ ପୁସ୍ତକ ମାଡ଼ାର୍ଣ୍ଣ ଡୁଟ ଆଣ୍ଡ କ୍ରିଶଚନ ବିଲିଫ୍ ଏବଂ ପୁସ୍ତକ 'ସୁପର୍ ନ୍ୟାଚୁରାଲ୍ ରିଲିଜନ୍'ର କିଛି ପଙ୍କ୍ତି ମୁଁ ମୋ ପୁସ୍ତକ 'ତୋହଫା-ଏ-ଗୋଲଡ଼ୱିୟା'ରେ ଲେଖିଅଛି ।

ଲେଖକ: ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ

୬ ଅକ୍ଟୋବର ୧୯୦୨ମସିହା